بِسۡمِ اللّٰہِ الرَّحۡمٰنِ الرَّحِیۡمِ   نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ   وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: 10

ସମ୍ପାଦକ:
କମ୍ରୁଲ୍ ହକ୍ ଖାନ୍

ସହ ସମ୍ପାଦକ:
ସୟଦ୍ ଅତାଉଲ୍ ୱାହାବ୍

ସାପ୍ତାହିକ
# ବଦର
Weekly BADAR Qadian Odia
କାଦିଆନ

ସଂଖ୍ୟା: 38
ବାର୍ଷିକ ଦେୟ : 600/-

25 ରବିଉଲ୍ ଅୱଲ୍ 1447 ହି.କ, 18 ତବୁକ୍ 1404 ହି.ଶ, 18 September 2025 ମସିହା

www.akhbarbadr.in

## ଅଲ୍ଲାଃତାଲାଙ୍କ ବାଣୀ

يٰۤاَيُّهَا الَّذِيۡنَ اٰمَنُوا ادۡخُلُوۡا فِى السِّلۡمِ كَآفَّةً ص وَلَا تَتَّبِعُوۡا خُطُوٰتِ الشَّيۡطٰنِ اِنَّهٗ لَـكُمۡ عَدُوٌّ مُّبِيۡنٌ

(ଅଲ୍ ବକ୍ରାହ୍ 208)

**ଅନୁବାଦ:** ହେ ବିଶ୍ୱାସକାରୀମାନେ! ତୁମେମାନେ ଆଜ୍ଞାନୁବର୍ତ୍ତିତାର ପରିସର ମଧ୍ୟକୁ ଆସି (ରହି) ଓ ସଇତାନର ପଦାଙ୍କ ଅନୁସରଣ କର ନାହିଁ । ବାସ୍ତବରେ ସେ (ସଇତାନ) ତୁମମାନଙ୍କର ପ୍ରକାଶ୍ୟ ଶତ୍ରୁ ।

## ଅହମଦିୟା ଖବର

**ଅଲହମଦୁ ଲିଲ୍ଲାଃ** ! ଅଲ୍ଲାଃତାଲାଙ୍କ କୃପାରୁ ହୁଜୁର ଅନ୍ୱର୍ ଅ.ବ ସକୁଶଳେ ଅଛନ୍ତି ।

ଜମାଅତ୍ର ସଦସ୍ୟବୃନ୍ଦଙ୍କୁ ବିନମ୍ରତାପୂର୍ବକ ଅନୁରୋଧ କି ସେମାନେ ହୁଜୁର ଅନ୍ୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ନିରୋଗ, ଦୀର୍ଘାୟୁ ହେବା ନିମନ୍ତେ ଦୁଆ କରନ୍ତୁ । ସକଳ ଏବଂ ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଓ ହୁଜୁର ଅନ୍ୱର୍ ଅ.ବଙ୍କ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ। ଅଲ୍ଲାଃତାଲା ପ୍ରତ୍ୟେକ ମୁହୂର୍ତ୍ତ ହୁଜୁର ଅନ୍ୱର୍ ଅ.ବଙ୍କର ରକ୍ଷକ ଓ ସହାୟକ ହୁଅନ୍ତୁ । ଆମିନ୍ ।

## ଆଁହଜରତ ସ.ଅଙ୍କ ବାଣୀ

ହ. ଅବଦୁଲ୍ଲାଃ ବିନ୍ ଅବି ଔଫା ର.ଅ ବର୍ଣ୍ଣନା କରନ୍ତି ଯେ, ଜଣେ ବ୍ୟକ୍ତି ନିଜର ଜିନିଷ ବିକ୍ରି କରିବା ପାଇଁ ସ୍ଥିର କଲା ଏବଂ ସେ ଅଲ୍ଲାଃତାଲାଙ୍କ ରାଣ ଖାଇ କହିଲା କି ତା'କୁ ଉକ୍ତ ସମ୍ପତ୍ତିର (ଜିନିଷ)ର ଏତିକି ମୂଲ୍ୟ ମିଳି ଆସୁଥିଲା । ଅର୍ଥାତ୍ ଲୋକମାନେ ତା'କୁ ଉକ୍ତ ଜିନିଷର ଏତିକି ମୂଲ୍ୟ ଦେଉଥିଲେ ବୋଲି ସେ ରାଣ ଖାଇ କହୁଥିଲା। ଫଳତଃ ଅଲ୍ଲାଃତାଲାଙ୍କର ଏହି ଆୟତ୍ ଅବତୀର୍ଣ୍ଣ ହେଲା ଯେ, "ଯେଉଁ ଲୋକମାନେ ଅଲ୍ଲାଃତାଲାଙ୍କ ଅଙ୍ଗୀକାର ଓ ନିଜର ଶପଥ ବା ରାଣ ବଦଳରେ ସାମାନ୍ୟ ଅର୍ଥ (ଅନ୍ୟଠାରୁ) ଗ୍ରହଣ କରିଥାଆନ୍ତି।"

ହ. ଅବଦୁଲ୍ଲାଃ ବିନ୍ ମସଉଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ କହିଲେ: "ଯେଉଁ ବ୍ୟକ୍ତି ମିଥ୍ୟାବାଦୀ ହୋଇ ଉକ୍ତ ଉଦ୍ଦେଶ୍ୟ ରଖି ରାଣ ଖାଏ କି ସେ କୌଣସି ବ୍ୟକ୍ତିର ଅବା ନିଜ ଭାଇର ଧନକୁ ହଡ଼ପ କରିନିଏ ତେବେ ସେପରିପ୍ରେକ୍ଷୀରେ ସେହି ବ୍ୟକ୍ତି ଅଲ୍ଲାଃତାଲାଙ୍କୁ ଏପରି ଅବସ୍ଥାରେ ଭେଟିବ ଯେ, ଅଲ୍ଲାଃତାଲା ସେହି ବ୍ୟକ୍ତି ଠାରୁ ରୁଷ୍ଟ ହୋଇଯିବେ। ଏଥି ସଂକ୍ରାନ୍ତରେ ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍ରେ ଉକ୍ତ ଆୟତ ଅବତୀର୍ଣ୍ଣ କରିଛନ୍ତି ଯେ, "ଯେଉଁ ଲୋକମାନେ ଅଲ୍ଲାଃତାଲାଙ୍କର ଅଙ୍ଗୀକାର ଏବଂ ନିଜର ଶପଥ ବଦଳରେ ସାମାନ୍ୟ ପୁଞ୍ଜି (ଅର୍ଥ ବା ଟଙ୍କା) ନେଇ ନିଅନ୍ତି......ସେମାନଙ୍କ ନିମନ୍ତେ ଅତି ଯନ୍ତ୍ରଣାଦାୟକ ଶାସ୍ତି ନିୟତ ରହିଛି ।"

☆--☆--☆

## ହଜରତ୍ ମସିହ୍ ମଉଦ୍ ଅସ.ଙ୍କ ନିତୀବାଣୀ

**"ତୁମେମାନେ ଇସ୍ତିଗଫାର୍ (ଈଶ୍ୱରଙ୍କ ନିକଟରେ କ୍ଷମା ଯଚନା) ପାଠ କର" । ମନୁଷ୍ୟ ନିମନ୍ତେ ଦୁଃଖରୁ ମୁକ୍ତି ଏବଂ ବର୍ତ୍ତିବା ଉକ୍ତ ପନ୍ଥା (ଇସ୍ତିଗଫାର କରିବା) ଉତ୍କୃଷ୍ଟ ମାର୍ଗ ଅଟେ ।**

**ଇସ୍ତିଗଫାର୍ ଆଧ୍ୟାତ୍ମିକ ଉନ୍ନତିର ଚାବିକାଠି ଅଟେ :**

ଜଣେ ବ୍ୟକ୍ତି ନିଜର ଋଣ ସଂପର୍କରେ ଦୁଆ ଉଦ୍ଦେଶ୍ୟରେ ହ. ମସିହ୍ ମଉଦ୍ ଅ.ସଙ୍କୁ କହିଲା । ଆପଣ ଅ.ସ ସେହି ବ୍ୟକ୍ତିକୁ କହିଲେ: "ବସ୍ ତୁମେ ଅତ୍ୟଧିକ ଇସ୍ତିଗଫାର୍ ପାଠ କର । ମନୁଷ୍ୟ ନିମନ୍ତେ ଦୁଃଖରୁ ମୁକ୍ତି ଏବଂ ବର୍ତ୍ତିବାର ଉକ୍ତ ପନ୍ଥା (ଇସ୍ତିଗ୍‌ଫାର୍ କରିବା) ହେଉଛି ସର୍ବୋତ୍କୃଷ୍ଟ ମାର୍ଗ ।"

ହ. ମସିହ୍ ମଉଦ୍ ଅ.ସ ଜଣେ ବ୍ୟକ୍ତିକୁ ଇସ୍ତିଗ୍‌ଫା୍ର ତାଗିଦ୍ କରି କହିଲେ: "ବସ୍ ! ଇସ୍ତିଗ୍‌ଫାର୍ ଆଧ୍ୟାତ୍ମିକ ଉନ୍ନତିର ଚାବିକାଠି ଅଟେ ।"

**ପବିତ୍ର କୁରଆନ୍ କରୀମ୍ରେ ମସିହ୍ ମଉଦ୍ ଏବଂ ତାହାଙ୍କ ସଂପ୍ରଦାୟ ସଂପର୍କରେ ଚର୍ଚ୍ଚା ରହିଛି :**

ହୁଜୁର ଅ.ସ କହିଲେ, ପବିତ୍ର କୁରଆନ୍ କରୀମ୍ରେ ଏପରି ଚାରୋଟି ସୁରାଃ ରହିଛି ଯାହାକୁ ବହୁଳ ରୂପେ ପାଠ କରାଯାଇଥାଏ। ସେହି ସୁରାଃ ମଧ୍ୟରେ ପ୍ରତିଶୃତ ମସିହ୍ ଓ ତାହାଙ୍କ ସଂପ୍ରଦାୟ ସଂପର୍କରେ ସୂଚନା ରହିଛି । (1) ସୁରାଃ ଫାତିହା ହେଉଛି ଏପରି ଏକ ସୁରାଃ ଯାହାକୁ ପ୍ରତ୍ୟେକ ନମାଜ୍ ଓ ପ୍ରତ୍ୟେକ ରକାତ୍ରେ ପାଠ କରାଯାଇଥାଏ । ତହିଁରେ ମୋ (ହ. ମସିହ୍ ମଉଦ୍ ଅ.ସ)ଙ୍କ ଦାବିର ପ୍ରମାଣ ରହିଛି । ଯେପରିକି ଉକ୍ତ ବ୍ୟାଖ୍ୟାରେ ପ୍ରମାଣିତ କରାଯିବ । (2) ସୁରାଃ ଜୁମା ଯହିଁରେ اٰخَرِيۡنَ مِنۡهُمۡ ପ୍ରତିଶୃତ ମସିହ୍ଙ୍କ ଜମାଅତ୍ (ସଂପ୍ରଦାୟ) ସଂପର୍କରେ ଚର୍ଚ୍ଚା ରହିଛି । ଉକ୍ତ ସୁରାଃ ପ୍ରତ୍ୟେକ ଶୁକ୍ରବାରେ ଦିନ ପାଠ କରାଯାଇଥାଏ। (3) ସୁରାଃ କହଫ୍ ପାଠ କରିବା ନିମନ୍ତେ ଆଁହଜରତ ସ.ଅ ମୁସଲମାନମାନଙ୍କୁ ବାରମ୍ବାର ତାଗିଦ୍ କରିଛନ୍ତି ଅତଏବ୍ ସୁରାଃ କହଫ୍ର ପ୍ରଥମ ଦଶଟି ଆୟାତ୍ ଓ ଶେଷ ଦଶଟି ଆୟାତ୍ରେ ଏକ ଦଜ୍ଜାଲ୍ (ମାୟାବୀ)ର ଚର୍ଚ୍ଚା ରହିଛି । (4) ପବିତ୍ର କୁରଆନ୍ କରୀମର ଶେଷ ସୁରାଃର ନାମ خَنَّاس ନାମକରଣ କରାଯାଇଛି। ଉକ୍ତ ଶବ୍ଦ ହେଉଛି ସେହି ଶବ୍ଦ ଯେଉଁ ଶବ୍ଦ ଇବ୍ରାନୀୟ ତୌରାତ୍ରେ ଦଜ୍ଜାଲ୍ ସକାଶେ ଆସିଅଛି। ଅର୍ଥାତ୍ نحاش । ଠିକ୍ ସେହିପରି ପବିତ୍ର କୁରଆନ୍ କରୀମ୍ର ଅନ୍ୟ ସ୍ଥାନମାନଙ୍କରେ ମଧ୍ୟ ଅନେକ ଚର୍ଚ୍ଚା ରହିଛି । **(ମଲ୍‌ଫୁଜାତ୍, ଭାଗ-2, ପୃ-86, ସଂସ୍କରଣ ବର୍ଷ-2018 ମସିହା)**

☆--☆--☆

**"ଯଦି ମନୁଷ୍ୟ ଉପାସନାର ନିୟମାନୁବର୍ତ୍ତୀ ହୁଏ ତେବେ ଅନ୍ୟ ପୁଣ୍ୟାବଳୀ ସ୍ୱତଃସ୍ଫୂର୍ତଃ ସମ୍ପାଦିତ ହେବାକୁ ଲାଗିଥାଏ । କିନ୍ତୁ ଏହାର ଅର୍ଥ ଏହା ନୁହେଁ ଯେ, କେବଳ ଫରଜ୍ ନମାଜ୍ ପାଠ କରାଯାଉ, ବରଂ ତହଜ୍ଜୁଦ୍ ନମାଜ, ନୱାଫିଲ୍ ନମାଜ୍ ପାଠ କରିବା ପ୍ରତି ଧ୍ୟାନ ଦେବା ଉଚିତ୍ । ସେହିପରି ବିଶ୍ୱସ୍ତତା, ଅମାନତ୍, ଅଙ୍ଗୀକାର ପୂରଣ, ଅଭାବିମାନଙ୍କର ଆବଶ୍ୟକତା ପୂରଣ ଓ ସତୀତ୍ୱତାର ମଧ୍ୟ ବିଶେଷ ରୂପେ ଧ୍ୟାନ ରଖାଯିବା ଉଚିତ୍ । "**

ସୟେଦିନା ହ. ମୁସ୍‌ଲେହ୍ ମଉଦ୍ ର.ଅ ସୁରତୁଲ୍ ମୁମିନୁନ୍ର ଆୟତ୍ ثُمَّ اَنۡشَاۡنٰهُ خَلۡقًا اٰخَرَ ର ବ୍ୟାଖ୍ୟା କରି କୁହନ୍ତି: ହ. ମସିହ୍ ମଉଦ୍ ଅ.ସ କୁହନ୍ତି; "ଏକଦା ରାତ୍ର ସମୟରେ ଅଲ୍ଲାଃତାଲାଙ୍କ ପକ୍ଷରୁ ମୋତେ 40,000 ବିଶିଷ୍ଟ ଆରବୀ ଭାଷାର ମୂଳ ଶବ୍ଦ (ଧାତୁର) ଶିକ୍ଷା ପ୍ରଦାନ କରାଗଲା ।" ଏ ହେଉଛି ସେହି ବିପ୍ଳବ ଯାହା ଆପଣ ଅ.ସଙ୍କ ମଧ୍ୟରେ ସୃଷ୍ଟି ହୋଇଥିଲା । କିନ୍ତୁ ଯଦି ସେହି ବିପ୍ଳବକୁ ଦେଖି ଛାତ୍ରମାନେ ବିଦ୍ୟାଳୟରେ ପାଠ ପଢ଼ା ଛାଡ଼ି ଦିଅନ୍ତି ଏବଂ ଏହି ଅପେକ୍ଷାରେ ବସି ଯାଆନ୍ତି ଯେ, ଦେବଦୂତ ଆସିବ ଏବଂ ଆରବୀ ଭାଷାର 60,000 ଧାତୁ ଶବ୍ଦ ସଂପର୍କରେ ସେମାନଙ୍କୁ ଶିକ୍ଷା ପ୍ରଦାନ କରିଦେବ ତେବେ ସେହି ବାଳକମାନଙ୍କୁ ଅର୍ଥାତ୍ ଛାତ୍ରମାନଙ୍କୁ କିଏ ବୁଦ୍ଧିମାନ ବ୍ୟକ୍ତି ବୁଝାଇ ପାରିବ ? ବିପ୍ଳବକୁ ସୃଷ୍ଟି କରାଯାଇ ନଥାଏ ବରଂ ବିପ୍ଳବ ସ୍ୱତଃ ସୃଷ୍ଟି ହୋଇ ଯାଇଥାଏ। କିନ୍ତୁ ଉନ୍ନତି, ପରିବର୍ତ୍ତନ, ସ୍ଥାନାନ୍ତରଣ ଗୋଟିଏ ଅବସ୍ଥାରୁ ଅନ୍ୟ ଅବସ୍ଥା ଆଡ଼କୁ ଧୀରେ ଧୀରେ ପରିଶ୍ରମ ସହକାରେ ହୋଇଥାଏ। ବିପ୍ଳବ ଲକ୍ଷ ଦିନ ମଧ୍ୟରୁ ଗୋଟିଏ ଦିନରେ ଆସିଥାଏ । ଅନ୍ୟ ସମସ୍ତ ଦିନ ହସ୍ତାନ୍ତରଣ ଅର୍ଥାତ୍ ପରିବର୍ତ୍ତନ ହୋଇଥାଏ । ମନୁଷ୍ୟ ଏକ ଅବସ୍ଥାରୁ ଅନ୍ୟ ଏକ ଅବସ୍ଥାରେ ଧୀରେ ଧୀରେ ଅଗ୍ରଗତି କରିବା ନିମନ୍ତେ ଉଦ୍ୟମ, ପରିଶ୍ରମ, ତ୍ୟାଗ ଓ ବଳିଦାନର ସହିତ ପହଞ୍ଚିଥାଏ । ଏହି ସ୍ଥାନାନ୍ତରଣ ଅର୍ଥାତ୍ ପରିବର୍ତ୍ତନ ଗୋଟିଏ ଅବସ୍ଥାରୁ ଅନ୍ୟ ଏକ ଅବସ୍ଥା ଓ ସ୍ତରୀୟ ପରିବର୍ତ୍ତନ ସର୍ବଦା ନୱାଫିଲ୍ ଏବଂ ଈଶ୍ୱର ଚର୍ଚ୍ଚା, ଉଦ୍ୟମ ଓ ପରିଶ୍ରମ ଦ୍ୱାରା ହିଁ ହୋଇଥାଏ । ମନୁଷ୍ୟ ଯେତେବେଳେ ନିଜ ଆତ୍ମାର ଅଧ୍ୟୟନ ଓ ସମୀକ୍ଷା କରିବ ସେତେବେଳେ ସେ ଏହା ଚିନ୍ତା କରିବା ଉଚିତ୍ ଯେ, ଯଦି କୌଣସି ବ୍ୟକ୍ତି ମୋତେ ଗାଳି ଗୁଲଚ କର ତେବେ ମୁଁ ନିଜକୁ କିପରି ରୋକିବି ? କେହି ଯଦି ମୋ ଉପରେ ଅତ୍ୟାଚାର କରେ ତେବେ ମୁଁ କିପରି ସେହି ଅନ୍ୟାୟ ଓ ଅତ୍ୟାଚାରକୁ ସହ୍ୟ କରିବି ? ସେ ଯଦି ମୋ ସହିତ ବାଚ୍ୟ କଥାବାର୍ତ୍ତା କରେ ତେବେ ମୁଁ ନିଜର ତୁଣ୍ଡକୁ କିପରି ବନ୍ଦ୍ ରଖିବି । ଅର୍ଥାତ୍ ନିରବ ରହିବି ?

## ପୃ-1ରେ ବର୍ଣ୍ଣିତ ତଫ୍‌ସିର୍‌ର ଅବଶିଷ୍ଟାଂଶ....

ଯେତେବେଳେ ବ୍ୟକ୍ତି ଜଣକ ଏ ବିଷୟରେ ଚିନ୍ତା କରିବ ତେବେ ଧୀରେ ଧୀରେ ବ୍ୟକ୍ତିର ଆତ୍ମା ପୂର୍ଣ୍ଣବୃଦ୍ଧ ଲାଭ କରିବ । ବ୍ୟକ୍ତି ମଧ୍ୟରେ ଯଦି ବିପ୍ଳବ ଆସେ ତେବେ ସେ ପ୍ରଥମ ଗୋଟିଏ ଦିନରେ ହିଁ ନମାଜ ତହଜ୍ଜୁଦ୍ ଓ ଅନ୍ୟ ନଓ୍ୱାଫିଲ୍ ନମାଜ୍ ପାଠ କରିବାକୁ ଲାଗି ଯାଇଥାଏ। ବ୍ୟକ୍ତି ତୁରନ୍ତ ଅନୈତିକ କାର୍ଯ୍ୟକଳାପ, ଅଧର୍ମ ବିତ୍ତ, ଅସତ୍ ଅର୍ଥୋପାର୍ଜନ ଓ ସେବନ, ଅସତ୍ୟରୁ ବର୍ତ୍ତି ଯାଇଥାଏ । କିନ୍ତୁ ଏହା ଏପରି ହୋଇ ନଥାଏ ଯେ, ତା'ର ପରିବର୍ତ୍ତନ ସ୍ତର ଅନୁଯାୟୀ ହୋଇଥାଏ, ତା'ର ଉନ୍ନତି ଉଦ୍ୟମ ଓ ପରିଶ୍ରମ ଦ୍ୱାରା ସଂଶ୍ଳିଷ୍ଟ ହୋଇଥାଏ। ଅଲ୍ଲାଃତାଲା ଯେଉଁ ଉଦ୍ୟମ ଓ ପରିଶ୍ରମ କରିବା ପ୍ରତି ଉପରୋକ୍ତ ଆୟତରେ ଧ୍ୟାନ ଆକର୍ଷଣ କରିଛନ୍ତି । କିନ୍ତୁ ମୁଁ ଦେଖୁଛି ଯେ, ସାଧାରଣତଃ ଏଥି ପ୍ରତି ଉଦ୍ୟମ କରାଯାଉ ନାହିଁ କି ଧ୍ୟାନ ମଧ୍ୟ ଦିଆଯାଉ ନାହିଁ । ଲୋକମାନେ ପରିବର୍ତ୍ତନର ଅପେକ୍ଷାରେ ବସି ରହିଛନ୍ତି ଯେ, ବିପ୍ଳବ ଓ ପରିବର୍ତ୍ତନ ଅବଶ୍ୟ ଆସିବ । କିନ୍ତୁ ସେହି ଲୋକମାନଙ୍କ ମଧ୍ୟରେ ଯେଉଁ ପରିବର୍ତ୍ତନ ସୃଷ୍ଟି ହେବ ତାହା ସ୍ତର ଅନୁଯାୟୀ ସୃଷ୍ଟି ହେବ । ଏଥି ନିମନ୍ତେ ଉଦ୍ୟମର ଆବଶ୍ୟକତା ପଡ଼ିବ । ଉକ୍ତ ଉଦ୍ଦେଶ୍ୟ ନିମନ୍ତେ ମୁଖ୍ୟତଃ ଉକ୍ତ ବିଷୟର ଆବଶ୍ୟକତା ରହିଛି ଯେ, ନିଷ୍ଠାର ସହିତ ଅଲ୍ଲାଃତାଲାଙ୍କର ଉପାସନା କରାଯାଉ ଓ ଉପାସନା କରିବାରେ ନିୟମାନୁବର୍ତ୍ତୀ ହେବା ଉଚିତ୍। ଯଦି ମନୁଷ୍ୟ ଉପାସନା କରିବା ପ୍ରତି ନିୟମାନୁବର୍ତ୍ତୀ ହୁଏ ତେବେ ଅନ୍ୟ ପୁଣ୍ୟାବଳୀ ସ୍ୱତଃସ୍ଫୁର୍ତ୍ତ ସମ୍ପାଦିତ ହେବାକୁ ଲାଗିଥାଏ । ଏହାର ଅର୍ଥ ଏହା ନୁହେଁ ଯେ, କେବଳ ଫର୍ଜ ନମାଜ୍ ପାଠ କରାଯାଉ । ବରଂ ଯେପରିକି କୁହାଯାଇ ସାରିଛି ଯେ, ଏହିପରି ଭାବରେ ବିଶ୍ୱସ୍ତତା, ଅମାନତର ସୁରକ୍ଷା ଏବଂ ଅଙ୍ଗୀକାର ପ୍ରତି ବିଶ୍ୱସ୍ତତା ପ୍ରଦର୍ଶନ କରିବା, ଅଭାବିମାନଙ୍କର ସେବା ଯତ୍ନ କରିବା, ସତୀତ୍ୱତାର ମଧ୍ୟ ବିଶେଷ ଯତ୍ନ ନେବା ଉଚିତ୍ । ଏହି ପୁଣ୍ୟାବଳୀରେ ଅଂଶ ଗ୍ରହଣ କରିବା ଦ୍ୱାରା ମନୁଷ୍ୟ ଏତେ ଉନ୍ନତି କରିଥାଏ ଯେ, ପରିଶେଷରେ ମନୁଷ୍ୟକୁ ଏକ ନୂତନ ଆଧାତ୍ମିକ ଜନ୍ମ ପ୍ରାପ୍ତି ହୋଇଯାଇଥାଏ। ମାନବିକତା ନିଜର ଚରମ ସୀମା ପର୍ଯ୍ୟନ୍ତ ପହଞ୍ଚି ଯାଇଥାଏ । **(ତଫ୍‌ସିର୍ କବିର୍, ଭାଗ-6, ପୃ-143-144, ପ୍ରକାଶନ ସ୍ଥାନ-କାଦିୟାନ୍, 2010 ମସିହା)** ☆☆☆

## ବିଗତ ସଂଖ୍ୟା-37, ପୃ-12ରେ ବର୍ଣ୍ଣିତ ଖୁତ୍‌ବା 25-07-2025 ଜୁମାର ଅବଶିଷ୍ଟାଂଶ....

ହୁଜୁର୍ ଅନ୍‌ଓ୍ୱର୍ ଅ.ବ କହିଲେ, ସେହିପରି ଅନ୍ୟ ଏକ ବର୍ଣ୍ଣନାରେ ଏହିପରି ବର୍ଣ୍ଣିତ ହୋଇଛି ଯେ, ଆଁହଜରତ ସ.ଅ କହିଲେ: "ଜଣେ ଲୋକର ଖାଦ୍ୟ 2 ଜଣଙ୍କ ନିମନ୍ତେ ଓ ଦୁଇ ଜଣଙ୍କର ଖାଦ୍ୟ 4 ଜଣଙ୍କ ନିମନ୍ତେ ଯଥେଷ୍ଟ ଅଟେ ।" **(ମୁସଲିମ୍ କିତାବୁଲ୍ ଅଶ୍ରିବତି, ବାବ୍-ଫଜିଲତୁଲ୍ ମୁଓ୍ୱାସାତି ଫିତ୍ ତାଆମିଲ୍ କଲିଲି.....ହଦିସ୍ ନଂ-2059)**

ହୁଜୁର ଅନ୍‌ଓ୍ୱର୍ ଅ.ବ କହିଲେ, ଅତଏବ୍ ଆମମାନଙ୍କୁ ଉକ୍ତ କଥା ସର୍ବଦା ମନେରଖିବା ଉଚିତ୍। ହୁଜୁର୍ ଅନ୍‌ଓ୍ୱର୍ ଅ.ବ କହିଲେ, ଗୋଟିଏ କଥା ମୁଁ ପୂର୍ବେ ମଧ୍ୟ କହି ସାରିଛି ଯେ, ଅତିଥିମାନେ ଡିୟୁଟି ଦେଉଥିବା କର୍ମୀମାନଙ୍କ ପାଇଁ ସହଜତା ସୃଷ୍ଟି କରିବା ଉଚିତ୍ । ଆହାର କେନ୍ଦ୍ରରେ ଯେଉଁ ମାର୍କି (ଖାଇବାର ସ୍ଥାନ) ରହିଛି ଏବଂ ଅନ୍ୟାନ୍ୟ ଯେଉଁ ସ୍ଥାନଗୁଡ଼ିକ ରହିଛି ସେହି ସ୍ଥାନଗୁଡ଼ିକର ଆପଣମାନେ ବିଶେଷ ଧ୍ୟାନ ରଖନ୍ତୁ । ଅର୍ଥାତ୍ ସ୍ୱଚ୍ଛତା ସଂପର୍କରେ ମଧ୍ୟ ଆପଣମାନେ ଏକଥା ମନେରଖନ୍ତୁ ଯେ, ଆପଣମାନେ ସଫେଇ କର୍ମୀମାନଙ୍କ ନିମନ୍ତେ ସହଜତା ସୃଷ୍ଟି କରିବେ। ରାସ୍ତା ଉପରେ ଅଳିଆ ଆବର୍ଜନା ପକାନ୍ତୁ ନାହିଁ । ଏଥିପ୍ରତି ଆପଣମାନେ ବିଶେଷ ଧ୍ୟାନ ଦିଅନ୍ତୁ । କେତେକ ଲୋକମାନେ ବଜାରରୁ ଖାଦ୍ୟ ପଦାର୍ଥ କିଣି ଖାଇ ଥାଆନ୍ତି । ତେଣୁ ଯେଉଁ ଲୋକମାନେ କୌଣସି ସ୍ଥାନରେ ବସି ଖାଦ୍ୟ ଖାଉଛନ୍ତି ସେଠାରେ ଆପଣ ଖାଇ ସାରିବା ପରେ ପ୍ଲେଟ୍ କିମ୍ବା ଅନ୍ୟାନ୍ୟ ପେକଟ୍‌କୁ, ଲଫାଫାଗୁଡ଼ିକୁ ଏଣେତେଣେ ଫୋପାଡ଼ି ପରିବର୍ତ୍ତେ ଡଷ୍ଟବିନ୍‌ରେ (ଆବର୍ଜନା କୁଣ୍ଡ)ରେ ପକାନ୍ତୁ । କାରଣ କାମ ସାଉଁଟୁଥିବା ସଫେଇ କର୍ମୀମାନଙ୍କ ନିମନ୍ତେ କାମ ସହଜ ହୋଇଯିବ ଏବଂ ସ୍ୱଳ୍ପ ସମୟ ମଧ୍ୟରେ ଅଧିକ କାର୍ଯ୍ୟ କରି ବ୍ୟବସ୍ଥାକୁ ଆହୁରି ଅଧିକ ସୁଚାରୁ ରୂପେ ସମ୍ପାଦିତ କରାଯାଇପାରିବ । ପୁନଶ୍ଚ ଆପଣମାନେ ସର୍ବତ୍ର ସର୍ବୋଚ୍ଚ ଉତ୍ତମ ଚରିତ୍ରବତ୍ତା ପ୍ରଦର୍ଶନ କରିବା ଉଚିତ୍ ।

ହୁଜୁର ଅନ୍‌ଓ୍ୱର୍ ଅ.ବ କହିଲେ, ମୁଁ ସ୍ୱେଚ୍ଛାସେବୀ କର୍ମୀମାନଙ୍କୁ ମଧ୍ୟ କହିଛି ଯେ, ସେମାନେ ସର୍ବଦା ସର୍ବୋଚ୍ଚ ଉତ୍ତମ ଆଚରଣ ପ୍ରଦର୍ଶନ କରନ୍ତୁ । ହଦିସରେ ବର୍ଣ୍ଣିତ ହୋଇଛି ଯେ, ଆଁହଜରତ ସ.ଅ କହିଛନ୍ତି ଯେ, ଯେଉଁ ବ୍ୟକ୍ତି ଅଲ୍ଲାଃତାଲା ଓ ପ୍ରଳୟ ଦିବସ ଉପରେ ବିଶ୍ୱାସ ରଖେ ସେ ଭଲ କଥା କହୁ ଅନ୍ୟଥା ନୀରବ ରହୁ । **(ମୁସଲିମ୍, କିତାବୁଲ୍ ଇମାନ୍, ବାବୁଲ୍ ହସ୍ ଅଲା ଇକ୍ରାମିଲ୍ ଜାରି ଓ୍ୱଜ୍ ଜୈଫି..........ହଦିସ୍ ନଂ-47)**

ହୁଜୁର ଅନ୍‌ଓ୍ୱର୍ ଅ.ବ କହିଲେ, ବେଳେବେଳେ ଅତିଥିମାନଙ୍କର କର୍ମୀମାନଙ୍କ ସହିତ ବଚସା ହୋଇଯାଇଥାଏ ଏବଂ ଅତିଥିମାନେ କର୍ମୀମାନଙ୍କ ଠାରୁ ରୁଷ୍ଟ ହୋଇଯାଆନ୍ତି ଏବଂ କର୍ମୀମାନେ ଅତିଥିଙ୍କ ପ୍ରତି ବିରକ୍ତ ଭାବ ମଧ୍ୟ ପ୍ରକାଶ କରନ୍ତି । ତେଣୁ ଏଭଳି ଅପ୍ରୀତିକର ପରିସ୍ଥିତ ଓ ପରିବେଶ ବେଳେବେଳେ ସୃଷ୍ଟି ହୋଇଯାଇଥାଏ । ତେଣୁ ଯଦି ଏପରି ଅପ୍ରୀତିକର ପରିସ୍ଥିତ ଓ ପରିବେଶ ବେଳେବେଳେ ସୃଷ୍ଟି ହୁଏ ତେବେ ଆପଣମାନେ କ୍ରୋଧାଭାବ, ରୁଷ୍ଟ ଭାବ ଓ ଅସଦାଚାରଣ ପ୍ରଦର୍ଶନ କରିବା ପରିବର୍ତ୍ତେ ନିରବତା ଅବଲମ୍ବନ କରନ୍ତୁ ଏବଂ ଇସ୍ତିଗ୍‌ଫାର କରନ୍ତୁ ଓ ଦୁଆ କରନ୍ତୁ ।

ହୁଜୁର ଅନ୍‌ଓ୍ୱର୍ ଅ.ବ କହିଲେ, ସେହିପରି ଛୋଟ ପିଲାମାନଙ୍କ ଖାଇବା ସଂପର୍କରେ ମଧ୍ୟ ମୁଁ କହି ରଖୁଛି ଯେ, ଏ ସଂପର୍କରେ ମଧ୍ୟ ଆପଣମାନେ ବିଶେଷ ଯତ୍ନବାନ୍ ହୁଅନ୍ତୁ । ବେଳେବେଳେ ଆହାର ବାଣ୍ଟୁଥିବା ସ୍ୱେଚ୍ଛାସେବୀ କର୍ମୀମାନେ ଛୋଟ ପିଲାମାନଙ୍କୁ ପ୍ଲେଟ୍‌ରେ ଖାଇବା ଫୁଲ୍ କରି ଦେଇ ଦେଇଥାଆନ୍ତି । ଯଦ୍ୱାରାକି ସେହି ଛୋଟ ପିଲାମାନେ ଏତେ ଆହାର ଖାଇ ପାରନ୍ତି ନାହିଁ । ଫଳତଃ ଖାଦ୍ୟ ନଷ୍ଟ ହୋଇଥାଏ। ତେଣୁ ଯେପରିକି ମୁଁ କହିସାରିଛି ଯେ, ଆପଣମାନେ ଆହାର ନଷ୍ଟ କରନ୍ତୁ ନାହିଁ । ଏଥିରୁ ଯଥାସମ୍ଭବ ବର୍ତ୍ତିବାକୁ ପ୍ରୟାସ କରନ୍ତୁ । ପିଲାମାନଙ୍କୁ ପ୍ଲେଟ୍‌ରେ ଅଳ୍ପ ଅଳ୍ପ କରି ଖାଦ୍ୟ ଦିଅନ୍ତୁ । ଯଦି ବରମ୍ବାର ଅଳ୍ପ ଅଳ୍ପ କରି ଖାଦ୍ୟ ଦେବାକୁ ପଡ଼େ ତେବେ ମଧ୍ୟ ଆପଣ ଅଳ୍ପ କରି ଖାଦ୍ୟ ଦିଅନ୍ତୁ । କାରଣ ଆହାର ଯେପରି ନଷ୍ଟ ଓ ଅପଚୟ ନହେଉ ।

ହୁଜୁର ଅନ୍‌ଓ୍ୱର୍ ଅ.ବ କହିଲେ, ଆପଣାନେ ଏକଥା ସର୍ବଦା ମନେରଖନ୍ତୁ ଯେ, ଆପଣମାନେ ଜଲ୍‌ସା ସାଲାନାର ଯେଉଁ ଅଭିପ୍ରାୟ ରହିଛି ତାହାକୁ ପୂରଣ କରିବେ, ଜଲ୍‌ସା ସାଲାନାର କଲ୍ୟାଣକୁ ଆପଣ ସାଉଁଟିବେ । ସେହିପରି ଜଲ୍‌ସା ସାଲାନାର ଯେଉଁ କଲ୍ୟାଣ ରହିଛି, ଯେଉଁ ଅଭିପ୍ରାୟ ନିମନ୍ତେ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ଜଲ୍‌ସା ସାଲାନା ଜାରି କରିଥିଲେ ତହିଁରୁ ଆପଣମାନେ ନିଜର ମୁଣି ପୂର୍ଣ୍ଣ କରିବା ନିମନ୍ତେ ଭରପୁର ଉଦ୍ୟମ କରନ୍ତୁ । ଏକ ଅବସରରେ ହ. ମସିହ୍ ମଉଦ୍ ଅ.ସ ଏହା ମଧ୍ୟ କହିଥିଲେ ଯେ, ଜଲସାରେ ବସି ଆପଣ ଧିରସ୍ଥିର ଭାବରେ ଓ ଆରାମ ସେ ଜଲସା ଶଣନ୍ତୁ । କେବଳ ଭାଷଣ ଶୁଣି ପାପ ଓ ପୁଣ୍ୟକୁ ଦେଖନ୍ତୁ ନାହିଁ ବରଂ ଉକ୍ତ କଥାକୁ ମଧ୍ୟ ସ୍ମରଣ ରଖନ୍ତୁ ଯେ, ଯେଉଁ କଥା ବର୍ଣ୍ଣନା କରାଯାଉଛି ତାହା ଅଲ୍ଲାଃତାଲା ଓ ତାହାଙ୍କ ବାର୍ତ୍ତାବହଙ୍କ ଆଦେଶାବଳୀ ଅନୁଯାୟୀ ଉଦ୍ଦିଷ୍ଟ ଅଟେ । ଏହି ଆଦେଶବଳୀ ଉପରେ ଆମମାନଙ୍କୁ କାର୍ଯ୍ୟାନୁସରଣ କରିବା ପ୍ରତି ଉଦ୍ୟମ କରିବା ଉଚିତ୍ । ଏହା ଭାବିବା ଅନୁଚିତ୍ ଯେ, କିଏ ଭାଷଣ ଦେଉଛି ଏବଂ କିପରି ଓ କେଉଁ ଶୈଳୀରେ ଭାଷଣ ବର୍ଣ୍ଣନା କରାଯାଉଛି ? ହୁଜୁର ଅନ୍‌ଓ୍ୱର୍ ଅ.ବ କହିଲେ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ସମସ୍ତ ସଦସ୍ୟବୃନ୍ଦ ଧ୍ୟାନ ଦେଇ ଶୁଣନ୍ତୁ ! ମୁଁ ନିଜର ଜମାଅତ୍ ଏବଂ ସ୍ୱୟଂ ନିଜର ଅସ୍ତିତ୍ୱ ଓ ଆତ୍ମା ସକାଶେ ଏହା ହିଁ ଚାହିଁଥାଏ ଓ ପସନ୍ଦ କରିଥାଏ ଯେ, ପ୍ରକାଶ୍ୟ କିଲ୍ ଓ କାଲ୍ ଅର୍ଥାତ୍ କଥନ ଯାହା ଭାଷଣରେ ହୋଇଥାଏ କେବଳ ତା'କୁ ହିଁ ପସନ୍ଦ କରା ନଯାଉ । ସମସ୍ତ ଅଭିପ୍ରାୟ ଆସି ଏହିଠାରେ ହିଁ ଅଟକି ନଯାଉ ଯେ, ବକ୍ତା କିପରି ଜାଦୁଛିକ ଭାଷାରେ ଭାଷଣ ଦେଉଛି, କିପରି ବଳିଷ୍ଠ ଶବ୍ଦ ପ୍ରୟୋଗ କରୁଛି ? ମୁଁ ଉକ୍ତ କଥା ଉପରେ ପ୍ରସନ୍ନ ହୋଇ ନଥାଏ । ମୁଁ ତ' ଏହା ହିଁ ପସନ୍ଦ କରିଥାଏ ଯେ, ଭାଷଣରେ କୃତ୍ରିମତା ଏବଂ ଆଡମ୍ବରତା ହେବା ଅନୁଚିତ୍ ଅଟେ । ବରଂ ମୋର ସ୍ୱଭାବ ଏହା ହିଁ ଚାହିଁଥାଏ ଯେ, ଯେଉଁ କାର୍ଯ୍ୟ ଅଲ୍ଲାଃତାଲା ଓ ତାହାଙ୍କ ପ୍ରସନ୍ନତା ସକାଶେ ଉଦ୍ଦିଷ୍ଟ ହୋଇଥାଏ ତାହା ହିଁ ସର୍ବୋତ୍ତମ ଓ ସର୍ବୋତ୍କୃଷ୍ଟ ଅଟେ ।" **(ମଲ୍‌ଫୁଜାତ୍, ଭାଗ-1, ପୃ-360, ସଂସ୍କରଣ ବର୍ଷ-2022 ମସିହା)**

ହୁଜୁର୍ ଅ.ସ କହିଲେ, "ମୁସଲମାନମାନଙ୍କ ପତନର ମୁଖ୍ୟ କାରଣ ଏହା ହିଁ ଯେ, ସେମାନେ ବଡ଼ ବଡ଼ ସମ୍ମିଳନୀ ଓ ସଭା ସମିତିମାନ ଆୟୋଜନ କରିଥାଆନ୍ତି । ବଡ଼ ବଡ଼ ବକ୍ତାମାନେ ନିଜର ବକ୍ତୃତା (ଭାଷଣ) ଉପସ୍ଥାପିତ କରିଥାଆନ୍ତି (ପାଠ କରିଥାଆନ୍ତି) । କବିମାନେ ନିଜ ଜାତି ସଂପର୍କରେ କବିତାମାନ ଉପସ୍ଥାପିତ କରିଥାଆନ୍ତି । ଉକ୍ତ କଥା ଉପରେ ଲୋକମାନେ ସ୍ଲୋଗାନ୍ ଦେଇଥାଆନ୍ତି। କିନ୍ତୁ ପରବର୍ତ୍ତୀ ସମୟରେ କୌଣସି ପ୍ରଭାବ ହୋଇ ନଥାଏ। ପରିଶେଷରେ ଜାତି ଅଧୋଗତି ଏବଂ ପତନର ଶିକାର ହୋଇଯାଇଥାଏ ।"**(ମଲ୍‌ଫୁଜାତ୍, ଭାଗ-1, ପୃ-362, ସଂସ୍କରଣ ବର୍ଷ-2022 ମସିହାରୁ ଉଦ୍ଧୃତ)**

**(ଅବଶିଷ୍ଟାଂଶ.............................ପୃ-10ରେ)**

## 130 ତମ ଜଲ୍‌ସା ସାଲାନା କାଦିୟାନ୍, ତା-26, 27, 28, ଡିସେମ୍ବର, 2025 ମସିହାରେ ଆୟୋଜିତ ହେବ

ସୟେଦିନା ହ. ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ 130 ତମ ଜଲ୍‌ସା ସାଲାନା କାଦିୟାନ୍ 2025 ମସିହା ନିମନ୍ତେ ତା-26, 27, 28 ଡିସେମ୍ବର 2025 ମସିହା (ବାର-ଶୁକ୍ରବାର, ଶନିବାର ଓ ରବିବାର) ପାଇଁ ତାରିଖ ଓ ବାର ମଞ୍ଜୁର (ଅନୁମୋଦନ) କରିଛନ୍ତି ।

ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ଏବେଠାରୁ ହିଁ ଦୁଆର ସହିତ ଉକ୍ତ କଲ୍ୟାଣମୂଳକ ଜଲ୍‌ସାରେ ସାମିଲ୍ ହେବାର ଉଦ୍ଦେଶ୍ୟ ନେଇ ପ୍ରସ୍ତୁତି ଆରମ୍ଭ କରି ଦିଅନ୍ତୁ । ଅଲ୍ଲାଃତାଲା ଉକ୍ତ ଐଶୀଭିତ୍ତିକ ଆଧାତ୍ମିକ ଜଲ୍‌ସାରେ ଅଧିକରୁ ଅଧିକ ଲୋକମାନଙ୍କୁ ଅଂଶ ଗ୍ରହଣ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଯଦ୍ୱାରାକି ଲୋକମାନେ ଉକ୍ତ ଜଲ୍‌ସାରୁ ଉପକୃତ ହୋଇପାରିବେ । ସେହିପରି ହ. ମସିହ୍ ମଉଦ୍ ଅ.ସ ଜଲ୍‌ସାରେ ସାମିଲ୍ ହୋଇଥିବା ଅଂଶଗ୍ରହଣକାରୀଙ୍କ ସପକ୍ଷରେ ଯେଉଁ ଦୁଆ କରିଛନ୍ତି ଅଲ୍ଲାଃତାଲା ସେହି ସମସ୍ତ ଦୁଆକୁ ସ୍ୱୀକାର କରି ଲୋକମାନଙ୍କୁ ଆପଣ ଅ.ସଙ୍କ ଦୁଆର ପ୍ରକୃତ ଅଧିକାରୀ କରନ୍ତୁ । **ଆମିନ୍** । ସେହିପରି ଉକ୍ତ ଜଲ୍‌ସା ସାଲାନା ପ୍ରତ୍ୟେକ ଦୃଷ୍ଟିରୁ ସାଫଲ୍ୟମଣ୍ଡିତ ଏବଂ କଲ୍ୟାଣମୟ ହେବା ନିମନ୍ତେ ଓ ପୁଣ୍ୟାତ୍ମାମାନଙ୍କ ମାର୍ଗଦର୍ଶନର କାରଣ ହେବା ନିମନ୍ତେ ଦୁଆ ଜାରି ରଖନ୍ତୁ । ଯଜାକୁମୁଲ୍ଲାଃହୁ ତାଆଲା ଓ ଅହ୍‌ସନଲ୍ ଯଜା । ଅଲ୍ଲାଃତାଲା ଏହାର ଉତ୍ତମ ପ୍ରତିଫଳ ପ୍ରଦାନ କରନ୍ତୁ । ଆମିନ୍ । **(ନାଜିର୍ ଇସ୍‌ଲାହ୍ ଓ ଇର୍ଶାଦ୍ ମର୍କଜିୟାହ୍ କାଦିୟାନ୍)**

## (ଖୁତ୍‌ବା ଜୁମା)

**ଯେତେବେଳେ ଆଁହଜରତ ସ.ଅ କୌଣସି ଅଭିଯାନରେ ମୁସଲମାନ ସୈନ୍ୟବାହିନୀକୁ ପ୍ରେରଣ କରୁଥିଲେ ସେତେବେଳେ ଆପଣ ସ.ଅ ସୈନ୍ୟବାହିନୀକୁ ଏହି ଉପଦେଶ ଦେଉଥିଲେ ଯେ, ହେ ଇସ୍‌ଲାମୀୟ ସୈନ୍ୟବାହିନୀ ! ତୁମେମାନେ ଯୁଦ୍ଧରେ କେବେ ବି ଶୀଘ୍ରତା ପ୍ରଦର୍ଶନ କରିବ ନାହିଁ । ଧୀର ଓ ବିନମ୍ରତା ପ୍ରଦର୍ଶନ କର ଏବଂ ମୁକାବିଲା କରିବା ପୂର୍ବରୁ ଶତ୍ରୁ ପକ୍ଷକୁ ଇସ୍‌ଲାମ୍ ଧର୍ମ ଆଡ଼କୁ ଆମନ୍ତ୍ରିତ କରାଯାଉ । ଏହି ସ୍ୱଷ୍ଟ ଆଦେଶ ଦିଆଯିବା ପରେ ସତ୍ୟ ସିଦ୍ଧ ହୋଇଯାଏ ଏବଂ ଯେଉଁଠି ଅଜାନ୍‌ର ସ୍ୱର ଶୁଭିବ ତୁମେମାନେ ସେଠାରେ ଆକ୍ରମଣ କରିବ ନାହିଁ ।**

— — — — — — — — — — — — — — — — — — — —

**ଯେତେବେଳେ ଆଁହଜରତ୍ ସ.ଅଙ୍କୁ ସରିୟା ଯଜିମା ଠାରେ ଘଟିଥିବା ଘଟଣା ସଂପର୍କରେ ସୂଚନା ମିଳିଲା ସେତେବେଳେ ଆପଣ ସ.ଅ ଗଭୀର ଦୁଃଖ ପ୍ରକାଶ କରିଥିଲେ ଆପଣ ସ.ଅ କହିଲେ, ମୁଁ ଖାଲିଦ୍‌ଙ୍କୁ ଶତ୍ରୁ ପକ୍ଷକୁ ସଂହାର କରିବା ନିମନ୍ତେ ଆଦେଶ ଦେଇ ନଥିଲି । ମୁଁ ତ' ଖାଲିଦ୍‌ଙ୍କୁ ଶତ୍ରୁକୁ ଇସ୍‌ଲାମ୍ ଧର୍ମ ଆଡ଼କୁ ଆମନ୍ତ୍ରିତ କରିବା ନିମନ୍ତେ ଆଦେଶ ଦେଇଥିଲି, ତତ୍ପରେ ଆପଣ ସ.ଅ ନିଜର ଦୁଇ ପାପୁଲିକୁ ଉଠାଇଲେ ଏବଂ ଦୁଇ ଥର ଈଶ୍ୱରଙ୍କ ସମ୍ମୁଖରେ କହିଲେ, اَللّٰھُمَّ اِنِّیْٓ اَبْرَاُ اِلَیْکَ مِمَّا صَنَعَ خَالِد ଅର୍ଥାତ୍ ହେ ଅଲ୍ଲାଃ ! ଖାଲିଦ୍ ଯାହା କିଛି କରିଛନ୍ତି ମୁଁ ତୁମ୍ଭ ସମ୍ମୁଖରେ ତହିଁରୁ ଦୋଷମୁକ୍ତ ଭାବ ପରିପ୍ରକାଶ କରୁଅଛି ।**

— — — — — — — — — — — — — — — — — — — —

**ମକ୍କା ବିଜୟ ଓ ଯୁଦ୍ଧର ପୃଷ୍ଠଭୂମିରେ ଆଁହଜରତ ସ.ଅଙ୍କ ପବିତ୍ର ଜୀବନୀ ଚର୍ଚ୍ଚା ।**

— — — — — — — — — — — — — — — — — — — —

**15 August 2025 ମସିହା ଅନୁଯାୟୀ ୧୫ ଜହୁର୍ ୧୪୦୪ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ୍ (ସରେ) ୟୁ.କେ ।**

ଖୁତ୍‌ବାର ଉକ୍ତ ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ اِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَ رَسُوْلُهٗ۔ أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُ لِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ۔ مٰلِكِ يَوْمِ الدِّيْنِ۔ اِيَّاكَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔ صِرَاطَ الَّذِيْنَ اَنْعَمْتَ عَلَيْهِمْ۔ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ, ଗତ ଖୁତ୍‌ବାରେ ତିନୋଟି ବଡ଼ ଦେବାତାକୁ ଭୂମିସାତ୍ କରିବା ସଂପର୍କରେ କୁହିଥିଲି । ଏହାର ଅତିରିକ୍ତ ଚର୍ଚ୍ଚା ଏହିପରି ବର୍ଣ୍ଣିତ ହୋଇଛି ଯେ, ଏକ ସରିୟା (ଯେଉଁ ଯୁଦ୍ଧରେ ସାମିଲ୍ ହେଉ ନଥିଲେ ସେହି ଯୁଦ୍ଧକୁ ସରିୟା କୁହାଯାଏ) ହ. ସାଆଦ୍ ବିନ୍ ଜୈଦ୍ ଅଶ୍‌ହଲୀ ର.ଅ ଥିଲା । ଏହି ସରିୟା ରମ୍‌ଜାନ୍ ମାସ ୮ ହିଜ୍ରୀରେ ହୋଇଥିଲା ଏବଂ ମନାତ୍ ନାମକ ସ୍ଥାନକୁ ସୈନ୍ୟବାହିନୀକୁ ପ୍ରେରଣ କରାଯାଇଥିଲା । ରସୁଲୁଲ୍ଲାଃ ସ.ଅ ଯେକି 24 ରମ୍‌ଜାନ୍ ମାସରେ ହ. ସାଆଦ୍ ବିନ୍ ଜୈଦ୍‌ଙ୍କୁ ମନାତ୍ ଠାକୁର (ପିତୁଳା ବା ଦେବତା)କୁ ଭୂମିସାତ୍ କରିବା ନିମନ୍ତେ ପ୍ରେରଣ କରିଥିଲେ । ଉକ୍ତ ମୂର୍ତ୍ତିକୁ ଲୋହିତ ସାଗରର ଉପକୂଳରେ କୁଦୈଦ୍ ଅଞ୍ଚଳର ମୁଶଲ୍ଲଲ୍ ନାମକ ସ୍ଥାନରେ ରୋପଣ କରାଯାଇଥିଲା । ସେହି କାରଣରୁ ଉକ୍ତ ଯୁଦ୍ଧକୁ ସରିୟା ମୁଶଲ୍ଲିଲ୍ ମଧ୍ୟ କୁହାଯାଏ । **(ଶରହୁଜ୍ ଜର୍କାନୀ, ଭାଗ-3, ପୃ-490-491, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍) (ସହି ବୁଖାରୀ, କିତାବୁତ୍ ତଫ୍‌ସିର୍, ବାବ୍- ମନାତସ୍ ସାଲିସତଲ୍ ଉଖ୍ରା, ହଦିସ୍ ନଂ-4861)(ମିନ୍ ମୁଆରିକିଲ୍ ଇସ୍‌ଲାମିଲ୍ ଫାସିଲତ, ଲେଖକ-ବାଶ୍‌ମିଲ୍, ଭାଗ-9, ଅଲ୍ ମକ୍‌ତବତୁସ୍ ସାମିଲତା)**

ହୁଜୁର ଅନ୍‌ୱର୍ ଅ.ବ କହିଲ, ହ. ଜୈଦ୍ ବିନ୍ ଅଶ୍‌ହଲୀ ର.ଅ 20ଜଣ ଆରୋହୀଙ୍କ ସହିତ ବାହାରିଲେ । ଯେତେବେଳେ ଆପଣ ସେଠାରେ ପହଞ୍ଚିଲେ ସେତେବେଳେ ସେଠାରେ ଏକ ଦର୍ଗାହ୍ (ପୀଠ) ମଧ୍ୟ ରହିଥିଲା । ଉକ୍ତ ପୀଠର ପୂଜାରୀ ହ. ସଆଦ୍ ର.ଅଙ୍କୁ ପଚାରିଲା, ମହୋଦୟ ଆପଣ କ'ଣ ଚାହୁଁଛନ୍ତି ? ହ. ସାଆଦ୍ ର.ଅ ଉକ୍ତ ଦେବତା ଆଡ଼କୁ ଆଗ୍ରସର ହେଲେ । ଏକଥା ଜଣା ନାହିଁ ଯେ, ଉକ୍ତ ଘଟଣାଟି ସତ୍ୟ ଅବା ନୁହେଁ ଅବା ବେଳେବେଳେ ଘଟଣାକୁ ନୂତନ ରୂପ ପ୍ରଦାନ କରି ଦିଆଯାଇଥାଏ ଏବଂ ଘଟଣାକୁ ନୂତନ ରୂପ ଦେଇ ବର୍ଣ୍ଣନା କରାଯାଇଥାଏ । ସେ ଯାହା ହେଉ ବର୍ଣ୍ଣନାକାରୀ ବର୍ଣ୍ଣନା କରିଛନ୍ତି ଯେ, ସେତେବେଳେ ଜଣେ ନଗ୍ନ କୃଷ୍ଣକାୟ (କଳା ରଙ୍ଗର) ଏବଂ ବିକ୍ଷିପ୍ତ କେଶା ମହିଳା ଗୃହ ମଧ୍ୟରୁ ବାହାରକୁ ବାହାରିଲା ଏବଂ ପୂଜାରୀ ଜଣକ ନିଜର ଠାକୁରକୁ କହିଲା କି ହେ ମନାତ୍ ନିଜର କୋପ ତଥା କ୍ରୋଧ ପ୍ରେରଣ କର ! ହ. ସାଆଦ୍ ବିନ୍ ଅଶ୍‌ହଲୀ ର.ଅ ସେହି ପୂଜାରୀର ସଂହାର କରିଦେଲେ । ଯଦି ଉକ୍ତ ସଂହାରର ଘଟଣା ସତ୍ୟ ତେବେ ପୂଜାରୀ ମୁକାବିଲା କରିବା ନିମନ୍ତେ ଅବଶ୍ୟ ଉଦ୍ୟମ କିରଥିଲା ଏବଂ ସଂଘର୍ଷରେ ନିହତ ହେଲା । କେବଳ ଅଭିଶାପ ଦେବା କଥାକୁ କେନ୍ଦ୍ର କରି ସଂହାର କରିବା ଏହା ଇସ୍‌ଲାମୀୟ ଶିକ୍ଷା ନୁହେଁ । ଏହା ସଠିକ୍ ବୋଲି ମନେହେଉ ନାହିଁ । ଏହା ଆଁହଜରତ ସ.ଅଙ୍କ ସାମୂହିକ ଆଦେଶ ବିରୁଦ୍ଧୀୟ ଅଟେ । ସେ ଯାହା ହେଉ ପୁନଶ୍ଚ ଆପଣ ଓ ଆପଣ ର.ଅଙ୍କ ସାଥିମାନେ ମୂର୍ତ୍ତି ମୁହାଁ ହେଲେ ଏବଂ ମୂର୍ତ୍ତିକୁ ଭାଙ୍ଗି ପକାଇଲେ । ତତ୍ପରେ ନିଜର ସାଥିମାନଙ୍କ ସମେତ ରସୁଲୁଲ୍ଲାଃ ସ.ଅଙ୍କ ସେବାରେ ଉପସ୍ଥିତ ହେଲେ । **(ଅତ୍‌ବକାତୁଲ୍ କୁବ୍ରା, ଭାଗ-2, ପୃ-111-112, ସରିୟାହ୍ ଜୈଦ୍ ଅଶ୍‌ହଲି, ଇଲା ମନାତ୍, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍) (ଶରହୁଜ୍ ଜର୍କାନୀ, ଭାଗ-3, ପୃ-490-491, ବାବ୍-ହଦ୍‌ମି ମନାତା, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍, 1996 ମସିହାର)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସିରତ୍ ଇବ୍‌ନେ ହିଶ୍ଶାମରେ ଉଲ୍ଲେଖ ରହିଛି ଯେ, ରସୁଲୁଲ୍ଲାଃ ସ.ଅ ମନାତ୍ ଅଭିମୁଖେ ଅବୁ ସୁଫିୟାନ୍ ବିନ୍ ହର୍ବକୁ ପ୍ରେରଣ କରିଥିଲେ ଏବଂ ଏହା ମଧ୍ୟ କୁହାଯାଏ ଯେ, ଉକ୍ତ କାର୍ଯ୍ୟ ହ. ଅଲୀ ର.ଅ ମଧ୍ୟ କରିଥିଲେ । କିନ୍ତୁ ୱାକିଦି ଏବଂ ଇବ୍‌ନେ ସାଆଦ୍‌ଙ୍କ ଅନୁଯାୟୀ ହ. ସାଆଦ୍ ବିନ୍ ଜୈଦ୍ ର.ଅ ଉକ୍ତ ମୂର୍ତ୍ତିକୁ ଭୂମିସାତ୍ କରିଥିଲେ । **(ଅଲ୍ ଲୁ ଲୁଉଲ୍ ମକ୍‌ନୁନ୍, ଜୀବନୀ ଶଦ୍ଦକୋଷ, ଭାଗ-9, ପୃ-208 ଦାରୁସ୍ ସଲାମ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଯଦି ଅନ୍ୟ ବର୍ଣ୍ଣନାଗୁଡ଼ିକ ୱାକିଦିଙ୍କର ତେବେ ସମ୍ଭବତଃ ସେ କେତେକ ଅତିରିକ୍ତ କଥା ମଧ୍ୟ କରିଦେଇ ଥାଇପାରନ୍ତି । ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହିପରି ଆଉ ଏକ ସରିୟା ରହିଛି ଯାହାର ନାମ ହେଲା ସରିୟା ହ. ଖାଲିଦ୍ ବିନ୍ ୱଲିଦ୍ ର.ଅ ଇଲା (ନଖଲା ଆଡ଼କୁ) ନଖଲା । ଉକ୍ତ ସରିୟା ରମ୍‌ଜାନ୍ ମାସ ହିଜ୍ରୀ ମାସ ୮ ତାରିଖ ଦିନ ଏବଂ ଜାନୁୟାରୀ ମାସ 629 ମସିହାରେ ହୋଇଥିଲା । 25 ରମ୍‌ଜାନୁଲ୍ ମୁବାରକ ଦିନ ଆଁହଜରତ ସ.ଅ 30 ଜଣ ସଦସ୍ୟ ବିଶିଷ୍ଟ ଏକ ସୈନ୍ୟବାହିନୀ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅଙ୍କ ନେତୃତ୍ୱରେ ନଖ୍‌ଲା ଅଭିମୁଖେ ପ୍ରେରଣ କରିଥିଲେ । ଆଁହଜରତ ସ.ଅ ଉକ୍ତ ସୈନ୍ୟବାହିନୀକୁ ଏହି ଆଦେଶ ଦେଇଥିଲେ ଯେ, ସେମାନେ ସେଠାକୁ ଯାଇ କୁରୈଶ୍‌ମାନଙ୍କର ବିଖ୍ୟାତ ତଥା ଜଣାଶୁଣା ପିତୁଳା (ଠାକୁର) ଯାହାର ନାମ ଉଜ୍ଜା ଥିଲା, ନିକଟକୁ ଯାଇ ତାହାକୁ ଭୂମିସାତ୍ କରି ଦିଅନ୍ତୁ (ଖସାଇ ଦିଆଯାଉ) । ନଖ୍‌ଲା ଉପତ୍ୟକା ମକ୍କାର ପୂର୍ବ ଦିଗରେ ଅବସ୍ଥିତ । ଏହାର ଦୂରତା ଗୋଟିଏ ଦିନ ଅଟେ । ଅର୍ଥାତ୍ ଗୋଟିଏ ଦିନ ଲାଗିବ । ମକ୍କା ଓ ତାଏଫର ମଧ୍ୟବର୍ତ୍ତୀ ସ୍ଥାନରେ ଏହା ଅବସ୍ଥିତ ଅଟେ । ନଖଲା ଠାରେ ଏକ ଘର ଥିଲା । ଉକ୍ତ ଘରର ଦେଖାଶୁଣା ବନୁ ଶୈବାନ୍ କରୁଥିଲେ । ବନୁ ଶୈବାନ୍ ବନୁ ହାଶିମର ମିତ୍ର ଥିଲେ । ଏଠାରେ ଅର୍ଥାତ୍ ଉଜ୍ଜା ହେଉଛି କୁରୈଶମାନଙ୍କର ସବୁଠୁ ବଡ଼ ପିତୁଳା ବା ଦେବତା ।

ହୁଜୁର ଅନୱର୍ ଅ.ବ କହିଲେ, ଇମାମ୍ ବହିକି ର.ଅ ବର୍ଣ୍ଣନା କରିଛନ୍ତି ଯେ, ଉକ୍ତ ଘରର ଆଖପାଖରେ ତିନୋଟି କିକର (ଏକ ପ୍ରକାରର ମରୁ ବୃକ୍ଷ) ବୃକ୍ଷ ରହିଥିଲା । ମଝିରେ ଘର ଥିଲେ । ଇବ୍‌ନେ ଇସ୍‌ହାକ୍ କୁହନ୍ତି ଯେ, ଯେତେବେଳେ ଉଜ୍ଜା ପୂଜାରୀକୁ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅଙ୍କ ଆଗମନର ସୂଚନା ମିଳିଲା ସେତେବେଳେ ସେ ପିତୁଳା (ମୂର୍ତ୍ତି) ଉପରେ ଖଡ୍‌ଗ ଓହଳାଇ ଦେଇ ନିଜେ ପାହାଡ଼ ଉପରେ ଚଢିଗଲା। ପାହଡ଼ ଉପରେ ଚଢି ସେ ଏହି କବିତା ପାଠ କରିବାକୁ ଲାଗିଲା ଯାହାର ଅନୁବାଦ ଏହିପରି ଯେ, "ହେ ଉଜ୍ଜା ! ଖାଲିଦ୍ ଉପରେ ଏପରି ଭୟଙ୍କର ଆକ୍ରମଣ କର ଯେ, ତା'ର କିଛି ଅସ୍ତିତ୍ୱ ରହିବ ନାହିଁ ଓ ତା'ର କିଛି ବି ପତ୍ତା ମିଳିବ ନାହିଁ । ହେ ଉଜ୍ଜା ଠାକୁର! ତୁ ଯୁଦ୍ଧର ନେକାବ୍ ପିନ୍ଧି ନେ ଏବଂ ଲଢିବା ଓ ମାରିବା ନିମନ୍ତେ ପ୍ରସ୍ତୁତ ହୋଇଯା। ହେ ଉଜ୍ଜା ! ତୁମେ ଯଦି ଏହି ଖାଲିଦ୍‌କୁ ସଂହାର କରି ନପାର ତେବେ ଖାଲିଦ୍ ଯେଉଁ ପାପ କରିବ ସେହି ପାପର ଖାଲିଦ୍‌କୁ ଯଥାଶୀଘ୍ର ଶାସ୍ତି ପ୍ରଦାନ କରି ତା' ଠାରୁ ପ୍ରତିଶୋଧ ନିଅ । ହ. ଖାଲିଦ୍ ର.ଅ ନଖଲା ଠାରେ ପହଞ୍ଚିହା ମାତ୍ରେ ସର୍ବ ପ୍ରଥମେ କିକର ବୃକ୍ଷକୁ କାଟିଲେ ଏବଂ ସେହି ମୂର୍ତ୍ତି ଥିବା ଘରକୁ ଭୂମିସାତ୍ କରିଦେଲେ ଯେଉଁ ଘରେ ଉଜ୍ଜା ପିତୁଳାର ମୂର୍ତ୍ତି ରହିଥିଲା । ଏତଦ୍‌ପରେ ହ. ଖାଲିଦ୍ ର.ଅ ଆଁହଜରତ ସ.ଅଙ୍କ ସେବାରେ ଉପସ୍ଥିତ ହୋଇ ରିପୋର୍ଟ ଉପସ୍ଥାପିତ କଲେ। ଆପଣ ର.ଅ କହିଲେ, ହେ ଖାଲିଦ୍ ! କ'ଣ ତୁମେ ସେଠାରେ କୌଣସି ବିଶେଷ ବସ୍ତୁ ଦେଖିଥିଲ କି? ହ. ଖାଲିଦ୍ ର.ଅ କହିଲେ, ନା ମୁଁ ସେସବୁ କିଛି ଦେଖି ନାହିଁ । ଆପଣ ସ.ଅ କହିଲେ, ହେ ଖାଲିଦ୍ ! ତାହାହେଲେ ତୁମେ ଉଜ୍ଜାକୁ ସମାପ୍ତ କରି ନାହଁ । ତୁମେ ସାଠାକୁ ତୁରନ୍ତ ଯାଅ ଓ ସେହି ମୂର୍ତ୍ତିର ମୂଳୋତ୍ପାଟନ କରିକି ଆସ । ଉକ୍ତ ଆଦେଶକୁ ଶୁଣିବା ମାତ୍ରେ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅ ଆଜ୍ଞା ପାଳନ କରିବାକୁ ଯାଇ ତୁରନ୍ତ ସେହି ସ୍ଥାନ ଅର୍ଥାତ୍ ନଖ୍‌ଲା ଠାକୁ ଫେରିଲେ । ଯେତେବେଳେ ଉଜ୍ଜାର ସେବକ

ପୂଜାରୀମାନେ ହ. ଖାଲିଦ୍ ର.ଅଙ୍କୁ ପୁନର୍ବାର ଦେଖିଲେ ସେତେବେଳେ ସେମାନେ ପର୍ବତ ଉପରେ ଚଢିଗଲେ । ସେମାନେ ଏହା କହୁଥିଲେ ଯେ, ହେ ଉଜ୍ଜା ଦେବତା ! ଏମାନଙ୍କୁ ମାରିଦିଅ । ସେହି ମୂର୍ତ୍ତି ଥିବା ଘର ଭିତରୁ ଏକ ବିକ୍ଷିପ୍ତ କେଶା କଳା ରଙ୍ଗର ମହିଳା ବାହାରିଲା (ଏଠାରେ ମଧ ଅବିଶ୍ୱାସକାରୀମାନେ ମହିଳାମାନଙ୍କୁ ରଖିଥିବେ) ଏବଂ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅ ସେତେବେଳେ ଏହି କବିତା ପାଠ କରୁଥିଲେ ଯେ,

يَا عُزَّ كُفْرَانَكِ لَا سُبْحَانَكِ إِنِّي رَأَيْتُ اللّٰهَ قَدْ أَهَانَكِ

ଅର୍ଥାତ୍ ହେ ଉଜ୍ଜା ! ମୁଁ ତୁମକୁ ପ୍ରତ୍ୟାଖ୍ୟାନ କରୁଛି । ତୁମର ମହିମା ଓ ପବିତ୍ରତା ମୁଁ ବର୍ଣ୍ଣନା କରୁ ନାହିଁ । ମୁଁ ଦେଖିଛି ଯେ, ଅଲ୍ଲାଃତାଲା ତୁମ୍ଭକୁ ତିରସ୍କୃତ କରି ଦେଇଛନ୍ତି । ଏତଦ୍‌ପରେ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅ ଫେରି ଆସି ଆଁହଜରତ ସ.ଅଙ୍କ ସେବାରେ ଯେତେବେଳେ ସମସ୍ତ ଘଟଣା ବୃତ୍ତାନ୍ତ ବର୍ଣ୍ଣନା କଲେ ସେତେବେଳେ ଆଁହଜରତ ସ.ଅ କହିଲେ, نَعَمْ، تِلْكَ الْعُزّٰى، وَقَدْ يَئِسَتْ أَنْ تُعْبَدَ بِبِلَادِكُمْ أَبَدًا ଅର୍ଥାତ୍ ହଁ ଏ ହେଉଛି ସେହି ଉଜ୍ଜା ଦେବୀ ଯିଏ ନିରାଶ ହୋଇଯାଇଛି ଯେ, ତୁମମାନଙ୍କ ସହରରେ ତା'ର ଆଉ ଉପାସନା ହେବ ନାହିଁ । **(ଅସ୍ ସିରତୁନ୍ ନବୱିୟାହ୍, ଲେଖଖ-ଇବ୍‌ନେ ହଶ୍ଶାମ, ପୃ-760-761, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍) (ଜୀବନୀ ଶବ୍ଦକୋଷ, ଲେଖକ-ସୟେଦ୍ ଫଜଲୁର୍ ରହ୍‌ମାନ୍, ପୃ-299, ଜୱାର୍ ଏକାଡ଼େମୀ, କରାଚୀ) (ଶର୍‌ହୁଜ୍ ଜର୍କାନୀ, ଭାଗ-3, ପୃ-490-487, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍) (ଅଲ୍ ଲୁ ଲୁଉଲ୍ ମକ୍‌ନୁନ୍, ଜୀବନୀ ଶବ୍ଦକୋଷ, ଭାଗ-9, ପୃ-203-208 ଦାରୁସ୍ ସଲାମ୍)**

ହୁଜୁର୍ ଅନୱର୍ ଅ.ବ କହିଲେ, "ପୁନଶ୍ଚ ଆଉ ଏକ ସରିୟା ରହିଛି ଯାହାର ନାମ ହେଲା ସରିୟା ଅମ୍ର ବିନ୍ ଆସ୍ ର.ଅ । ଉକ୍ତ ସରିୟା (ସୁୱାଅ) ଅଭିମୁଖେ ହୋଇଥିଲା। ଏହି ସରିୟା ମଧ ରମ୍‌ଜାନ୍ ମାସ ୮ ହିଜ୍ରୀରେ ହୋଇଥିଲା । ଉଜ୍ଜା ମୂର୍ତ୍ତିକୁ ଭୂମିସାତ୍ କରିବାର ଅଭିଯାନ ସହିତ ରସୁଲ୍ ସ.ଅ ହ. ଉମର୍ ବିନ୍ ଆସ୍ ର.ଅଙ୍କୁ ସୁୱାଅର ମୂର୍ତ୍ତିକୁ ମୂଳୋତ୍ପାଟନ କରିବା ନିମନ୍ତେ ପ୍ରେରଣ କରିଥିଲେ । ଆପଣ ର.ଅଙ୍କ ସହିତ କେତେକ ସାଥିମାନେ ମଧ ରହିଥିଲେ । କିନ୍ତୁ ସେମାନଙ୍କ ସଂଖ୍ୟାର କୌଣସି ଚର୍ଚ୍ଚା ହୋଇ ନାହିଁ ।" **(ଅତ୍ ତବ୍‌କାତୁଲ୍ କୁବ୍ରା ଲିଇବନି ସାଆଦ୍, ସରିୟତ୍ ଅମ୍ର ବିନ୍ ଆସି ଇଲା ସୁୱାଅ, ଭାଗ-2, ପୃ-111, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍) (ଶର୍‌ହୁଜ୍ ଅଲ୍ଲାମା ଜର୍କାନୀ ଅଲଲ୍ ମୱାହିବି ଲିଦ୍‌ଦୁନିୟାହ୍, ଭାଗ-3, ପୃ-490, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସୁୱାଅ ମଦିନା ଠାରୁ ପଶ୍ଚିମ ଦିଗରେ ସମୁଦ୍ର ଉପକୂଳରେ ରୁହାତ୍ ଠାରେ ନିର୍ମିତ ହୁଜୈଲ୍ ନାମକ ଏକ ପିତୁଳା ବା ମୂର୍ତ୍ତି ଥିଲା। ଉକ୍ତ ସ୍ଥାନ ମକ୍କା ଠାରୁ ତିନି ମାଇଲ୍ ଦୂରତାରେ ଅବସ୍ଥିତ ଥିଲା । ଉକ୍ତ ପିତୁଳାର ରୂପ ଓ ଆକୃତି ଏକ ମହିଳା ପରି ଥିଲା ଏବଂ ଲୋକମାନେ ଉକ୍ତ ପିତୁଳା ପ୍ରତି ସମ୍ମାନ ପ୍ରଦର୍ଶନ କରବି ସଙ୍ଗେସଙ୍ଗ ଉକ୍ତ ପିତୁଳାର ପରିକ୍ରମା ମଧ କରୁଥିଲେ । ସେହି ପିତୁଳାକୁ ପୂଜା କରୁଥିବା ଲୋକ ଅର୍ଥାତ୍ ପୂଜାରୀମାନେ ବନୁ ଲହ୍‌ୟାନ୍ ସଂପ୍ରଦାୟ ଥିଲେ । ଏମାନେ ହୁଜୈଲ୍ ସଂପ୍ରଦାୟର ଏକ ଶାଖା ଅଟନ୍ତି । **(ଜୀବନୀ ଶବ୍ଦକୋଷ, ପୃ-136, ଜୱାର୍ ଏକାଡ଼େମୀ, କରାଚୀ)(ଶର୍‌ହୁଜ୍ ଅଲ୍ଲାମା ଜର୍କାନୀ ଅଲଲ୍ ମୱାହିବି ଲିଦ୍‌ଦୁନିୟାହ୍, ଭାଗ-3, ପୃ-490, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍) (ଅଲ୍ ଲୁ ଲୁଉଲ୍ ମକ୍‌ନୁନ୍, ଜୀବନୀ ଶବ୍ଦକୋଷ, ଭାଗ-9, ପୃ-210, ଦାରୁସ୍ ସଲାମ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପବିତ୍ର କୁରଆନ୍ କରୀମ୍‌ରେ କିଛି ପିତୁଳାମାନଙ୍କ ନାମର ଚର୍ଚ୍ଚା କରାଯାଇଛି ତହିଁରେ ଉକ୍ତ ପିତୁଳାର ମଧ ଚର୍ଚ୍ଚା ରହିଛି । ସୁତରାଂ ସୁରାଃ ନୁହ୍‌ରେ ଉଲ୍ଲେଖ ରହିଛି ଯେ, وَقَالُوا لَا تَذَرُنَّ آلِهَتَكُمْ وَلَا تَذَرُنَّ وَدًّا وَلَا سُوَاعًا وَلَا يَغُوثَ وَيَعُوقَ وَنَسْرًا **(ନୁହ୍:24)** ଏବଂ ସେମାନେ ନିଜ ସଂପ୍ରଦାୟକୁ କହୁଛନ୍ତି "ତୁମେମାନେ ନିଜ ଉପାସ୍ୟମାନଙ୍କୁ ପରିତ୍ୟାଗ କର ନାହିଁ । ୱଦ୍‌କୁ ପରିତ୍ୟାଗ କର ନାହିଁ କି ସୁୱାଅକୁ ପରିତ୍ୟାଗ କର ନାହିଁ କିମ୍ବା ୟାଗୁସ୍‌କୁ କି ନସର୍‌କୁ କାହାରିକୁ ପରିତ୍ୟାଗ କର ନାହିଁ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ଇବ୍‌ନେ ଅବ୍‌ବାସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଯେଉଁ ପିତୁଳା ନୁହ୍ ଅ.ସଙ୍କ ସଂପ୍ରଦାୟରେ ଥିଲେ ସେମାନେ ପରବର୍ତ୍ତୀ କାଳରେ ଆରବ୍ୟ ସଂପ୍ରଦାୟଭୁକ୍ତ ହୋଇଗଲେ ଏବଂ ୱଦ୍ ପିତୁଳା କଲବ୍ ସଂପ୍ରଦାୟର ପିତୁଳା ଥିଲା । ଉକ୍ତ ପିତୁଳା ଦୁମତୁଲ୍ ଜନ୍ଦଲ୍ ଠାରେ ଅବସ୍ଥିତ ଥିଲା । ସେହିପରି ସୁୱାଅ ପିତୁଳା ହୁଜୈଲ୍ ସଂପ୍ରଦାୟର ଦେବତା ଥିଲା ଓ ୟଗୁସ ମୁରାଦ୍ ସଂପ୍ରଦାୟର ପିତୁଳା ଅର୍ଥାତ ଦେବତା ଥିଲା । ଏତଦ୍‌ପରେ ସେହି ପିତୁଳା ଗୁତୈଫ୍ ସଂପ୍ରଦାୟର ହୋଇଗଲା। ଉକ୍ତ ପିତୁଳା ସବା ନାମକ ସହର ନିକଟବର୍ତ୍ତୀ ଜୁରଫ୍ ଠାରେ ଅବସ୍ଥିତ ଥିଲା । ସେହିପରି ୟଉକ୍ ପିତୁଳା ହମ୍‌ଦାନ୍ ସଂପ୍ରଦାୟର ଦେବତା ଥିଲା । ନସର୍ ପିତୁଳା ହିମୈର୍‌ମାନଙ୍କର ଦେବତା ଥିଲା । ହିମୈର୍ ସଂପ୍ରଦାୟ ଜିଲ୍ କିଲାର ସନ୍ତାନ ଥିଲେ। ଏହି ସମସ୍ତ ପିତୁଳା ହେଉଛନ୍ତି କେତେକ ବ୍ୟକ୍ତିଙ୍କର ନାମ । ଏହି ଲୋକମାନେ ହ. ନୁହ୍ ଅ.ସଙ୍କ ଜାତିର ଲୋକ ଥିଲେ । ଯେତେବେଳେ ଏହି ଲୋକମାନେ ମୃତ୍ୟୁବରଣ କଲେ ସେତେବେଳେ ସଇତାନ୍ ସେହି ଜାତିମାନଙ୍କର ମନରେ ଉକ୍ତ କଥା ଜାତ କରାଇଲା କି ଏହି ମୃତ୍ୟୁବରଣ କରିଥିବା ଲୋକମାନେ ଯେଉଁ ସ୍ଥାନମାନଙ୍କରେ ବସୁଥିଲେ ସେହି ସ୍ଥାନରେ ପିତୁଳାମାନଙ୍କୁ ଛିଡ଼ା କରାଇଦିଅ ଏବଂ ସେହି ଲୋକମାନଙ୍କ ନାମ ଅନୁଯାୟୀ ଉକ୍ତ ଦେବତାଙ୍କର ନାମ ରଖ । ଅତଏବ୍ ଏମାନେ ଏହିପରି ହିଁ କଲେ । ପୂର୍ବେ ସେହି ପୂର୍ବ ପୁରୁଷ ଲୋକମାନଙ୍କୁ ପୂଜା କରାଯାଉ ନଥିଲା । କିନ୍ତୁ ଯେତେବେଳେ ଏମାନେ ମୃତ୍ୟବରଣ କଲେ ଏବଂ ପ୍ରକୃତ ଘଟଣା ତଥା ତଥ୍ୟ ଯେତେବେଳେ ଲୋକମାନେ ଜାଣି ପାରିଲେ ନାହିଁ ସେତେବେଳେ ଏମାନେ ସେହି ଲୋକମାନଙ୍କୁ ପୂଜା କରିବା ଆରମ୍ଭ କରିଦେଲେ କିମ୍ବା ସେମାନଙ୍କୁ ଆଦର୍ଶ ବୋଲି ମନେକରି ସେମାନଙ୍କ ନାମ ରଖି ପିତୁଳାମାନଙ୍କୁ ପୂଜା କରିବା ଆରମ୍ଭ କରିଦେଲେ । **(ସହି ବୁଖାରୀ, କିତାବୁତ୍ ତଫ୍‌ସିର୍, ବାବ୍- ୱଦ୍ ସୁୱାଅନ୍...... ହଦିସ୍ ନଂ-4920, ଅନୁବାଦକ ହ. ସୟେଦ ଜୈନୁଲ୍ ଆବିଦୁନ୍, ୱଲିଉଲ୍ଲାଃ ଶାହ୍ ସାହେବ, ଭାଗ-12, ପୃ-293-294)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ଅମ୍ର ବିନ୍ ଆସ୍ ର.ଅ ଯେତେବେଳେ ରୁହାତ୍ ନାମକ ସ୍ଥାନରେ ସୁୱାଅ ପିତୁଳା ନିକଟରେ ପହଞ୍ଚିଲେ ସେତେବେଳେ ସେଠାରେ ତାଙ୍କୁ ଉକ୍ତ ପିତୁଳାକୁ ପୂଜା କରୁଥିବା ପୂଜାରୀ ମିଳିଲା । ଆପଣ ର.ଅ ତା' କୁ କହିଲେ, ହେ ପୂଜାରୀ ! ମୁଁ ଆଁହଜରତ୍ ସ.ଅଙ୍କ ଆଦେଶ କ୍ରମେ ଉକ୍ତ ପିତୁଳାକୁ ଭାଙ୍ଗିବା ନିମନ୍ତେ ଏଠାକୁ ଆସିଛି । ପୂଜାରୀ ଉତ୍ତର ଦେଲା ଯେ, ମହୋଦୟ ! ତୁମେ ଉକ୍ତ ପିତୁଳାକୁ ଭାଙ୍ଗିବା ନିମନ୍ତେ କଦାପି ସକ୍ଷମ ନୁହଁ । ଆପଣ ର.ଅ ପୂଜାରୀକୁ ପଚାରିଲେ ଯେ, ଆଚ୍ଛା ମୁଁ କାହିଁକି ଉକ୍ତ ପିତୁଳାକୁ ଭାଙ୍ଗି ପାରିବି ନାହିଁ ? ଆପଣ ର.ଅ ପୂଜାଜାରୀକୁ କାରଣ ପଚାରିଲେ । ପୂଜାରୀ ଜଣକ ଉତ୍ତର ଦେଲା ଯେ, ତୁମକୁ ଅଟକାଇ ଦିଆଯିବ। ଆପଣ ର.ଅ କହିଲେ, ହେ ପୂଜାରୀ ! ବଡ଼ ଦୁଃଖ ଓ ପରିତାପେର ବିଷୟ ଯେ, କ'ଣ ଏହି ପିତୁଳା ତୁମର କଥା ଏବଂ ପ୍ରାର୍ଥନାକୁ ଶୁଣି ପାରୁଛି ଓ କିଛି ଦେଖି ପାରୁଛି କି ? ଅତଏବ୍ ଆପଣ ର.ଅ ଆଗକୁ ଅଗ୍ରସର ହେଲେ ଏବଂ ଉକ୍ତ ପିତୁଳାକୁ ଭାଙ୍ଗିଦେଲେ। ଆପଣ ର.ଅ ନିଜର ସାଥିମାନଙ୍କୁ କହିଲେ, ହେ ସାଥିମାନେ ! ତୁମେମାନେ ଉକ୍ତ ନିର୍ମିତ ପିତୁଳାର ଘରକୁ ମଧ ଭୂମିସାତ୍ କରିଦିଅ । ଅର୍ଥାତ୍ ଭାଙ୍ଗି ମାଟିରେ ମିଶାଇ ଦିଅ । ସେମାନେ ଉକ୍ତ ଘରକୁ ମଧ ଭୂମିସାତ୍ କରିଦେଲେ । ପୁନଶ୍ଚ ଆପଣ ର.ଅ ସେହି ପୂଜାରୀକୁ ପଚାରିଲେ ଯେ, ହେ ପୂଜାରୀ ! ତୁମେ ମୋତେ ବର୍ତ୍ତମାନ କୁହ କି ତୁମେମାନେ ବର୍ତ୍ତମାନ ନିଜ ପିତୁଳା ବା ନିଜର ଦେବତାଙ୍କର ଏହି ଅବସ୍ଥା ତ' ଦେଖିଲ। ବର୍ତ୍ତମାନ ତୁମେ କ'ଣ ଭାବିଲ ? ସେହି ପୂଜାରୀ ଜଣକ କହିଲା, ହେ ଅମ୍ର ବିନ୍ ଆସ୍ ! ମୁଁ ଅଲ୍ଲାଃତାଲାଙ୍କର ଆଜ୍ଞା ପାଳନ କରୁଛି ଓ ଇସ୍‌ଲାମ୍ ଧର୍ମ ସ୍ୱୀକାର କରୁଛି। **(ଅତ୍‌ବକାତୁଲ୍ କୁବ୍ରା, ଭାଗ-2, ପୃ-111, ବାବ୍- ସରିୟା ଅମ୍ର ବିନ୍ ଆସ୍ ଇଲା ସୁୱାଅ, ଦାରେ ଅହ୍‌ୟାଉତ୍ ତୁରାସୁଲ୍ ଅରବି, ବୈରୁତ୍) (ଶର୍‌ହୁଜ୍ ଅଲ୍ଲାମା ଜର୍କାନୀ, ଭାଗ-3, ପୃ-490, ବାବ୍- ହଦ୍‌ମି ମନାତା, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍) (ଅଲ୍ ଲୁ ଲୁଉଲ୍ ମକ୍‌ନୁନ୍, ଜୀବନୀ ଶବ୍ଦକୋଷ, ଭାଗ-9, ପୃ-210, ଦାରୁସ୍ ସଲାମ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏଥି ସଂକ୍ରାନ୍ତରେ ମଧ ଉକ୍ତ କଥାର ପୁଷ୍ଟି ହୋଇଥାଏ ଯେ, ପ୍ରଥମେ ପୂଜାରୀକୁ ଅବା ଅନ୍ୟ କୌଣସି ବ୍ୟକ୍ତିକୁ ସଂହାର କରିବା ସଂପର୍କରେ ଯେଉଁ ଘଟଣାଟି ବର୍ଣ୍ଣିତ ହୋଇଛି ତାହା ଚିନ୍ତା ଜନକ ଓ ଆପତ୍ତି ଯୋଗ୍ୟ ପ୍ରସଙ୍ଗ ଅଟେ।

ହୁଜୁର ଅନୱର୍ ଅ.ବ କହିଲେ, ସେହିପରି ଆଉ ଏକ ସରିୟା ରହିଛି । ଉକ୍ତ ସରିୟା ହେଲା ଖାଲିଦ୍ ବିନ୍ ୱଲିଦ୍ ର.ଅଙ୍କ ଯଜିମା ଅଭିମୁଖେ ସରିୟା । ଉକ୍ତ ସରିୟା ବା ଯୁଦ୍ଧ ଶୱାଲ୍ ୮ ହିଜ୍ରୀରେ ହୋଇଥିଲା । ମକ୍କା ବିଜୟ ପରେ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅ ଉଜ୍ଜା ନମାକ ପିତୁଳାକୁ ଖସାଇ ଫେରି ଆସିଲେ । ଯେତେବେଳେ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅ ଫେରିଲେ ସେତେବେଳେ ଆଁହଜରତ ସ.ଅ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅଙ୍କୁ ବନୁ ଯଜିମା ଆଡ଼କୁ ପ୍ରେରଣ କଲେ । ଉକ୍ତ ସଂପ୍ରଦାୟ ବନୁ କିନାନାର ଶାଖା ଅଟେ । ଉକ୍ତ ସଂପ୍ରଦାୟ ମକ୍କା ନିକଟବର୍ତ୍ତୀ ୟଲମ୍‌ଲମ୍ ଦିଗରେ ଅବସ୍ଥିତ ଥିଲା । ନବୀ କରୀମ୍ ସ.ଅ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅଙ୍କୁ କହିଲେ, ହେ ଖାଲିଦ୍ ! ତୁମେ ଉକ୍ତ ସଂପ୍ରଦାୟକୁ ଇସ୍‌ଲାମ୍ ଧର୍ମ ଆଡ଼କୁ ଆମନ୍ତ୍ରିତ କର ଏବଂ ଆପଣ ସ.ଅ ଏହା ମଧ କହିଲେ, ହେ ଖାଲିଦ୍ ! ତୁମେ ଏହି ସଂପ୍ରଦାୟ ସହିତ ଯୁଦ୍ଧ କରିବ ନାହିଁ । ଏ ହେଉଛି ଆଁହଜରତ ସ.ଅଙ୍କ ମୌଳିକ ନୀତି ଏବଂ ନୈତିକତାପୂର୍ଣ୍ଣ ଆଦେଶାବଳୀ । ଉକ୍ତ ଆଦେଶ ଆପଣ ସ.ଅ ସର୍ବଦା ନିଜର ସାହାବା ଏବଂ ସେନାପତିମାନଙ୍କୁ ଦେଉଥିଲେ ଯେ, ପ୍ରଥମେ ଆକ୍ରମଣ କରିବ ନାହିଁ । ପ୍ରଥମେ ଲୋକମାନଙ୍କୁ ଇସ୍‌ଲାମ୍ ଧର୍ମର ବାର୍ତ୍ତା

### ଅଲ୍ଲାଃତାଲାଙ୍କ ବାଣୀ

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"
(ଅଲ୍ ହଜ୍:31)

ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢି ପ୍ରେରଣ କରିଛୁ ।

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

### ଅଲ୍ଲାଃତାଲାଙ୍କ ବାଣୀ

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"
(ଆଲେ ଇମ୍ରାନ୍ :93)

ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

ଦେବ । ସେ ଯାହା ହେଉ ଆପଣ ସ.ଅ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅଙ୍କୁ କହିଲେ, ହେ ଖାଲିଦ୍ ! ତୁମେ ଯୁଦ୍ଧ କରିବ ନାହିଁ । ହ. ଖାଲିଦ୍ ବିନ୍ ୱଲିଦ୍ ପ୍ରବାସକାରୀ, ଅନ୍‌ସାର୍ ଓ ବନୁ ସୁଲୈମ୍ ସଂପ୍ରଦାୟର 350 ଜଣ ଲୋକଙ୍କ ସହିତ ଯୁଦ୍ଧରେ ବାହାରିଲେ। **(ଅତ୍‌ତବ୍‌କାତୁଲ୍ କୁବ୍ରା ଲିଇବ୍‌ନି ସାଆଦ୍, ଭାଗ-2, ପୃ-112, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ)**

ଯେତେବେଳେ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅ ସେଠାରେ ପହଞ୍ଚିଲେ ସେତେବେଳେ ସେ ଏହା ଦେଖିଲେ ଯେ, ଲୋକମାନେ ହାତରେ ଏପରି ଅସ୍ତ୍ର ଉଠାଇ ରଖିଛନ୍ତି ଯେପରିକି ସେମାନେ ଆକ୍ରମଣ କରିବା ନିମନ୍ତେ ପ୍ରସ୍ତୁତ ରହିଛନ୍ତି । ହ. ଖାଲିଦ୍ ର.ଅ ସେହି ଲୋକମାନଙ୍କୁ କହିଲେ, ଅସ୍ତ୍ର ପକାଇ ଦିଅ । ଲୋକମାନେ ଇସଲାମ୍ ଧର୍ମ ସ୍ୱୀକାର କରିନେଇଛନ୍ତି । ଖାଲିଦ୍ ର.ଅଙ୍କ ଉକ୍ତ କଥା ଶୁଣି ସେହି ଲୋକମାନଙ୍କ ମଧ୍ୟରୁ ଜହ୍‌ଦମ୍ ନାମକ ଜଣେ ବ୍ୟକ୍ତି ଛିଡ଼ା ହେଲା ଏବଂ ନିଜ ଜାତିକୁ ସମ୍ବୋଧିତ କରି କହିଲା, ହେ ବନୁ ଖଜିମା ! ତୁମେମାନେ ଅସ୍ତ୍ରଶସ୍ତ୍ର ତଳେ ପକାଇବ ନାହିଁ କି ଆତ୍ମ ସମର୍ପଣ କରିବ ନାହିଁ । ଏହି ବ୍ୟକ୍ତି ହେଉଛି ଖାଲିଦ୍ ବିନ୍ ୱଲିଦ୍ । ଯଦି ତୁମେମାନେ ଆତ୍ମ ସମର୍ପଣ କରିଦେବ ତେବେ ଏହି ବ୍ୟକ୍ତି ତୁମମାନଙ୍କୁ ଗିରଫ କରିନେବେ ଓ ତୁମେମାନେ ମୃତ୍ୟୁର ସମ୍ମୁଖୀନ ହେବ । ତେଣୁ ମୁଁ ଆତ୍ମ ସମର୍ପଣ କରିବି ନାହିଁ । ଏକଥା ଶୁଣି ଅନ୍ୟ ଲୋକମାନେ ଜହ୍‌ଦମ୍‌କୁ ବୁଝାଇଲେ ଯେ, ହେ ଜହ୍‌ଦମ୍ ! ତୁମେ ଆମମାନଙ୍କର ରକ୍ତପାତ କରିବାକୁ କାହିଁକି ଉଦ୍ୟମରତ ଅଟ ? ତୁମେ ଆତ୍ମସମର୍ପଣ କରିଦିଅ ଓ ଅସ୍ତ୍ର ତଳେ ରଖିଦିଅ । ଲୋକମାନେ ତାକୁ ବୁଝାଇ ଚାଲିଲେ । ଏପର୍ଯ୍ୟନ୍ତକି ଲୋକମାନେ ତା' ଠାରୁ ଅସ୍ତ୍ରଶସ୍ତ୍ର ନେଇନେଲେ । ଅସ୍ତ୍ରଶସ୍ତ୍ର ଫିଙ୍ଗିଦେବା ପରେ ସେହି ଲୋକମାନଙ୍କୁ ବନ୍ଦୀ କରିନିଆଗଲା । ଅତଏବ୍ ବର୍ଣ୍ଣନାରେ ଏହା ମଧ୍ୟ ବର୍ଣ୍ଣିତ ହୋଇଛି ଯେ, ପ୍ରତ୍ୟେକ ମୁସଲମାନମାନଙ୍କୁ ଗୋଟିଏ ଗୋଟିଏ ଅବା ଦୁଇ ଦୁଇଟି କଏଦୀ ଦିଆଗଲା ଏବଂ ଏହି ଲୋକମାନେ ରାତିସାରା ବନ୍ଦୀ ହୋଇ ରହିଲେ । **(ଅସ୍ ସିରତୁନ୍ ନବୱିୟାହ୍ ଲିଇବ୍‌ନି ହିଶ୍ଶାମ୍, ପୃ-755, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ) (ଜୀବନୀ ଶବ୍ଦକୋଷ, ଭାଗ-9, ପୃ-215, ଦାରୁସ୍ ସଲାମ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ଖାଲିଦ୍ ବିନ୍ ୱଲିଦ୍ ର.ଅ ସେହି ଲୋକମାନଙ୍କୁ ଏଇଥି ପାଇଁ ବନ୍ଦୀ କଲେ ଯେ, ସେମାନେ ଅସ୍ତ୍ରଶସ୍ତ୍ର ଉଠାଇଥିଲେ ଏବଂ ସେମାନଙ୍କ ଅନ୍ତର୍ନିହିତ ଉଦ୍ଦେଶ୍ୟ ସଂପର୍କରେ କିଛି ଜଣା ନଥିଲା ଯେ, ସେମାନେ କେତେବେଳେ ସହସା ଆକ୍ରମଣ କରିଦେବେ । ସେ ଯାହା ହେଉ ଏକ ବର୍ଣ୍ଣନା ଅନୁଯାୟୀ ଯେତେବେଳେ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅ ସେଠାରେ ପହଞ୍ଚିଲେ ଏବଂ ସେମାନଙ୍କୁ ଯେତେବେଳେ ଆପଣ ର.ଅ ଇସ୍‌ଲାମ୍ ଧର୍ମ ଆଡ଼କୁ ଆମନ୍ତ୍ରିତ କଲେ ସେତେବେଳେ ସେହି ଲୋକମାନେ ଅସ୍‌ଲମ୍‌ନା ଅର୍ଥାତ୍ ଆମେମାନେ ଇସ୍‌ଲାମ୍ ଧର୍ମ ସ୍ୱୀକାର କହିବାର ପରିବର୍ତ୍ତେ ଏହା କହିବାକୁ ଲାଗିଲେ ଯେ, صَبَأْنَا صَبَأْنَا (ସବାଅନା ସବାଅନା) । ଅର୍ଥାତ୍ ଆମେମାନେ ଧର୍ମ ପରିତ୍ୟାଗ (ଛାଡ଼ି) ଦେଇଛୁ । ଆମେମାନେ ସ୍ୱଧର୍ମ ପରିତ୍ୟାଗ କରିଦେଇଛୁ । ପ୍ରତ୍ୟୁତ୍ତରରେ ଖାଲିଦ୍ ବିନ୍ ୱଲିଦ୍ ର.ଅଙ୍କୁ ଏହି ଭ୍ରମ ଲାଗିଲା ଯେ, ଏମାନେ ତ' ମୁସଲମାନ ହିଁ ନୁହନ୍ତି । ସୁତରାଂ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅ ସେମାନଙ୍କୁ ସଂହାର କରିବା ନିମନ୍ତେ ଧର୍ମାଦେଶ ଜାରି କରିଦେଲେ । ଅତଏବ୍ ଏହି ଯଥାର୍ଥତା ଉପସ୍ଥାପିତ କରାଯାଇଥାଏ । **(ସହି ବୁଖାରୀ, କିତାବୁଲ୍ ମୁଗାଜି, ବାବ୍- ବାଆସନ୍ ନବୀ ସ.ଅ ଖାଲିଦ୍ ବିନ୍ ୱଲିଦ୍...., ହଦିସ୍ ନଂ-4399)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉକ୍ତ ଘଟଣା ସଂପର୍କରେ ଇବ୍‌ନେ ସାଆଦ୍ ବର୍ଣ୍ଣନା କରନ୍ତି ଯେ, ଯେତେବେଳେ ଖାଲିଦ୍ ବିନ୍ ୱଲିଦ୍ ର.ଅ ସେହି ଲୋକମାନଙ୍କ ପାଖରେ ପହଞ୍ଚିଲେ ସେତେବେଳେ ଆପଣ ର.ଅ ସେହି ଲୋକମାନଙ୍କୁ ପଚାରିଲେ ଯେ, ହେ ଲୋକମାନେ ! ତୁମମାନଙ୍କର ଧର୍ମ କ'ଣ ? ତୁମେମାନେ କେଉଁ ଧର୍ମାବଲମ୍ବୀ ଅଟ? ସେମାନେ ଉତ୍ତର ଦେଲେ ଯେ, ଆମେମାନେ ମୁସଲମାନ ଧର୍ମାବଲମ୍ବୀ ଅଟୁ, ଆମେମାନେ ନମାଜ ପାଠ କରିଥାଉ ଇତ୍ୟାଦି ଇତ୍ୟାଦି । ହ. ଖାଲିଦ୍ ବିନ୍ ୱଲିଦ୍ ର.ଅ ସେମାନଙ୍କୁ ପୁଣି ପ୍ରଶ୍ନ କଲେ ଯେ, ହେ ଲୋକମାନେ ! ତୁମେମାନେ ଅସ୍ତ୍ରଶସ୍ତ୍ର କାହିଁକି ଧରିଛ ? ସେହି ଲୋକମାନେ କହିଲେ, ହେ ଖାଲିଦ୍ ! ଆମମାନଙ୍କର ଆରବ୍ୟ ଜାତିର ଏକ ସଂପ୍ରଦାୟ ସହିତ ଶତ୍ରୁତା ରହି ଆସିଛି । ଆମେମାନେ ଏହି ଆଶଙ୍କା କଲୁ କି ତୁମର ଏହି ସୈନ୍ୟବାହିନୀ ସେହି ଶତ୍ରୁ ସଂପ୍ରଦାୟର ଅଟେ । ସେଇଥି ପାଇଁ ଆମେମାନେ ଅସ୍ତ୍ରଶସ୍ତ୍ର ଧରି ନେଇଥିଲୁ । **(ଅତ୍‌ତବ୍‌କାତୁଲ୍ କୁବ୍ରା ଲିଇବ୍‌ନି ସାଆଦ୍, ଭାଗ-2, ପୃ-112, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଯଦି ଏହାର କୌଣସି କାରଣ ଦର୍ଶାଅ କରିବାର ଅଛି ତେବେ ଉକ୍ତ ଅବସ୍ଥାରୁ ଏହା ଜ୍ଞାତ ହୁଏ ଯେ, ହ.ଖାଲିଦ୍ ବିନ୍ ୱଲିଦ୍ ର.ଅ ଖୁବ୍ ସତର୍କ ହୋଇଗଲେ ଏବଂ ତାଙ୍କ ମନରେ ଏହି ଲୋକମାନଙ୍କ ପ୍ରତି ସନ୍ଦେହ ଓ ଅଶଙ୍କା ସୃଷ୍ଟି ହୋଇଯାଇଥିଲା । ସେ ଯାହା ହେଉ ବର୍ଣ୍ଣନାରୁ ଏହା ପ୍ରତିଭାତ ହୁଏ ଯେ, ଏହି ବନ୍ଦୀ ହୋଇଥିବା ଲୋକମାନେ ନମାଜ୍ ପାଠ କରୁଥିଲେ ଏବଂ ମୁସଲମାନ ମଧ୍ୟ ଦୃଶ୍ୟମାନ ହେଉଥିଲେ । ଅର୍ଥାତ୍ ମୁସଲମାନ ଜଣା ପଡୁଥିଲେ । କିନ୍ତୁ ସମ୍ଭବତଃ ସେହି ବନ୍ଦୀମାନଙ୍କ ମଧ୍ୟରେ କେତେକ ବନ୍ଦୀମାନେ ଏପରି ହୋଇଥାଇ ପାରନ୍ତି । ଯେପରିକି ଜହ୍‌ଦମ୍ ଓ ତା'ର କଥାରେ ହଁ ହଁ କରୁଥିବା ବ୍ୟକ୍ତିମାନେ ହୋଇଥାଇ ପାରନ୍ତି, ଯେଉଁମାନେ ବିଦ୍ରୋହ ପ୍ରଦର୍ଶନକାରୀ ଥିଲେ । ତେଣୁ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅ ଏହି ଲୋକମାନଙ୍କ ପକ୍ଷରୁ ଆଶ୍ୱସ୍ତ ଓ ସନ୍ତୁଷ୍ଟ ହୋଇପାରୁ ନଥିଲେ । କିଛି ଲୋକ (ସବାଅନା ସବାଅନା) । ଅର୍ଥାତ୍ ଆମେମାନେ ଧର୍ମ ପରିତ୍ୟାଗ (ଛାଡ଼ି) ଦେଇଛୁ । ଆମେମାନେ ସ୍ୱଧର୍ମ ପରିତ୍ୟାଗ କରିଦେଇଛୁ ଯେତେବେଳେ କହିଲେ ସେତେବେଳେ ଉକ୍ତ କଥା ହ. ଖାଲିଦ୍ ବିନ୍ ୱଲିଦ୍ ର.ଅଙ୍କୁ ସତର୍କ କରିଦେଲା । ସେଇଥି ପାଇଁ ସେ ରାତ୍ରର ଶେଷ ପ୍ରହରରେ ଏହି ଧର୍ମାଦେଶ ଜାରି କଲେ ଯେ, ଏହି ବନ୍ଦୀମାନଙ୍କର ସଂହାର କରିବା ଉଚିତ୍ ବୋଲି ମନେହେଉଛି । ଅତଏବ୍ ମୁସଲମାନମାନେ କେତେକ ବନ୍ଦୀମାନଙ୍କର ସଂହାର କରିଦେଲେ । କିନ୍ତୁ ପ୍ରବାସକାରୀମାନେ ଏବଂ ଅନ୍‌ସାର୍‌ମାନେ ଯେଉଁମାନେ ପୁରାତନ ମୁସଲମାନ ଥିଲେ ସେମାନେ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅଙ୍କ ଉକ୍ତ ଆଦେଶ ଏବଂ ଉକ୍ତ ରାୟ ସହିତ ଏକମତ ନଥିଲେ । ସେମାନେ ସହମତି ପ୍ରକାଶ କଲେ ନାହିଁ । ସେମାନେ ନିଜର ବନ୍ଦୀମାନଙ୍କୁ ବଧ କଲେ ନାହିଁ । ଅନ୍‌ସାର୍‌ମାନଙ୍କର ଅଧିପତି ଅବୁ ଉସୈଦ୍ ସାଆଦି ହ. ଖାଲିଦ୍ ବିନ୍ ୱଲିଦ୍ ର.ଅଙ୍କ ପାଖକୁ ଗଲେ ଏବଂ ସେମାନଙ୍କୁ କହିଲେ, ଯେ, ଏମାନେ ମୁସଲମାନ ଅଟନ୍ତି। ଏମାନଙ୍କୁ ସଂହାର କରିବା ଉଚିତ୍ ହେବ ନାହିଁ । ହ. ଅବ୍‌ଦୁଲ୍ଲାଃ ବିନ୍ ଉମର୍ ର.ଅ, ହ. ସାଲିମ୍ ମୌଲା, ଅବୁ ହୁଜେଫା ଇତ୍ୟାଦି ସାହାବିମାନେ ମଧ୍ୟ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅଙ୍କ ମତ ସହିତ ଏକମତ ହେଲେ ନାହିଁ । ସେମାନେ ନିଜର ଅନ୍ୟ ସାଥିମାନଙ୍କୁ କହିଲେ ଯେ, ସେମାନେ ନିଜର ବନ୍ଦୀମାନଙ୍କର ସଂହାର କରିବେ ନାହିଁ। ସେହି ଖଲାସ୍ ଅର୍ଥାତ୍ କାରାମୁକ୍ତ ହୋଇଥିବା ବନ୍ଦୀମାନଙ୍କ ମଧ୍ୟରୁ ଜଣେ କଏଦୀ ମଦିନା ଠାରେ ପହଞ୍ଚି ରସୁଲ୍ କରୀମ୍ ସ.ଅଙ୍କ ସେବାରେ ସମସ୍ତ ଘଟଣା ବୃତ୍ତାନ୍ତ ଯେତେବେଳେ ବର୍ଣ୍ଣନା କଲା, ସେତେବେଳେ ଆପଣ ସ.ଅ ପଚାରିଲେ ଯେ, କ'ଣ କେହି ବି ଖାଲିଦ୍ ବିନ୍ ୱଲିଦ୍‌ଙ୍କ କଥା ସହିତ ମତପାର୍ଥକ୍ୟ ପ୍ରକାଶ କଲା ନାହିଁ ଓ ତାଙ୍କୁ ଅଟକାଇଲା ନାହିଁ ? ସେହି ବ୍ୟକ୍ତି ଜଣକ କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ହଁ । ଦୁଇ ଜଣ ବ୍ୟକ୍ତି ଅଟକାଇଥିଲେ । ଜଣେ ହେଉଛି ଗୋରା ରଙ୍ଗର ଓ ମଧ୍ୟମ ଉଚ୍ଚତା ବିଶିଷ୍ଟ ବ୍ୟକ୍ତି ଓ ଆଉ ଜଣେ ହେଉଛି ଲମ୍ବା ଅର୍ଥାତ୍ ଉଚ୍ଚତା ସମ୍ପନ୍ନ ବ୍ୟକ୍ତି । ଏହି ଦୁଇ ଜଣ ବ୍ୟକ୍ତି ହ. ଖାଲିଦ୍ ବିନ୍ ୱଲିଦ୍ ର.ଅଙ୍କ ସହିତ କଥା ହୋଇଥିଲେ ଏବଂ ଜଣେ ଟିକେ କଡ଼ୁ ଭାଷାରେ କଥାବାର୍ତ୍ତା କରିଥିଲା । ହ. ଉମର୍ ର.ଅ ସେତେବେଳେ ସଭାରେ ଉପସ୍ଥିତ ଥିଲେ । ସେ ରସୁଲୁଲ୍ଲାଃ ସ.ଅଙ୍କ ସେବାରେ ଉପସ୍ଥିତ ହୋଇ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୋର ସୁପୁତ୍ର ଅବ୍‌ଦୁଲ୍ଲାଃ ଥିଲା ଅର୍ଥାତ୍ ଅବ୍‌ଦୁଲ୍ଲାଃ ବିନ୍ ଉମର୍ ଉଚ୍ଚତା ସମ୍ପନ୍ନ ଥିଲା ଓ ଅନ୍ୟ ବ୍ୟକ୍ତି ଜଣକ ସାଲିମ୍ ମୌଲା(ଙ୍କ ସୁପୁତ୍ର) ଅବୁ ହୁଜେଫା ଥିଲା । **(ଅଲ୍ ଲୁ ଲୁଉଲ୍ ମକ୍‌ନୁନ୍, ଜୀବନୀ ଶବ୍ଦକୋଷ, ଭାଗ-9, ପୃ-215-217, ଦାରୁସ୍ ସଲାମ୍) (ଅସ୍ ସିରତୁନ୍ ନବୱିୟାହ୍ ଲିଇବ୍‌ନି ହିଶ୍ଶାମ୍, ପୃ-756, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତରୁ ଉଦ୍ଧୃତ)**

ଯେତେବେଳେ ଆଁହଜରତ୍ ସ.ଅଙ୍କୁ ସରିୟା ଯଜିମା ଠାରେ ଘଟିଥିବା ଘଟଣା ସଂପର୍କରେ ସୂଚନା ମିଳିଲା ସେତେବେଳେ ଆପଣ ସ.ଅ ଗଭୀର ଦୁଃଖ ପ୍ରକାଶ କରିଥିଲେ ଆପଣ ସ.ଅ କହିଲେ, ମୁଁ ଖାଲିଦ୍‌ଙ୍କୁ ଶତ୍ରୁ ପକ୍ଷକୁ ସଂହାର କରିବା ନିମନ୍ତେ ଆଦେଶ ଦେଇ ନଥିଲି । ମୁଁ ତ' ଖାଲିଦଙ୍କୁ ଶତ୍ରୁ ପକ୍ଷକୁ ଇସଲାମ୍ ଧର୍ମ ଆଡ଼କୁ ଆମନ୍ତ୍ରିତ କରିବା ନିମନ୍ତେ ଆଦେଶ ଦେଇଥିଲି, ତତ୍ପରେ ଆପଣ ସ.ଅ ନିଜର ଦୁଇ ପାପୁଲିକୁ ଉଠାଇଲେ ଏବଂ ଦୁଇ ଥର ଈଶ୍ୱରଙ୍କ ସମ୍ମୁଖରେ କହିଲେ, اَللّٰهُمَّ اِنِّيْ اَبْرَأُ اِلَيْكَ مِمَّا صَنَعَ خَالِدٌ ଅର୍ଥାତ୍ ହେ ଅଲ୍ଲାଃ ! ଖାଲିଦ ଯାହା କିଛି କରିଛନ୍ତି ମୁଁ ତୁମ୍ଭ ସମ୍ମୁଖରେ ତହିଁରୁ ଅର୍ଥାତ୍ ଅନାସକ୍ତ (ବିରକ୍ତ) ଭାବ ପରିପ୍ରକାଶ କରୁଅଛି। ଅର୍ଥାତ୍ ମୁଁ ତହିଁରୁ ଦୋଷମୁକ୍ତ ଅଟେ । ଏହିପରି ଭାବରେ ଆଁହଜରତ ସ.ଅ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅଙ୍କ ପ୍ରତି ଅସନ୍ତୋଷ ଭାବ ପ୍ରକାଶ କଲେ । ଆପଣ ସ.ଅ କହିଲେ, ହେ ଖାଲିଦ୍ ! ତୁମେ କାହିଁକି ଏତେ ଆତୁର ଓ ଶୀଘ୍ରତା ପ୍ରଦର୍ଶନ କଲ । ତୁମେ ଭଲ ଭାବରେ ଟିକେ ତଦନ୍ତ କରିନେଇ ଥାଆନ୍ତ ଭଲା । **(ଅଲ୍ ଲୁ ଲୁଉଲ୍ ମକ୍‌ନୁନ୍, ଜୀବନୀ ଶବ୍ଦକୋଷ, ଭାଗ-9, ପୃ-217, ଦାରୁସ୍ ସଲାମ୍)(ସହି ବୁଖାରୀ, କିତାବୁଲ୍ ମୁଗାଜି, ବାବ୍- ବାଆସନ୍ ନବୀ ସ.ଅ ଖାଲିଦ୍ ବିନ୍ ୱଲିଦ୍...., ହଦିସ୍ ନଂ-4399)**

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲ୍‌ଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid,
Jamat Ahmadiya Karadapalli (Odisha)

### ନବୀ ସ.ଅଙ୍କ ବାଣୀ:-

**"ଇଜ୍‌ତନିବୁଲ୍ ଗଜିବା"** ଅର୍ଥାତ୍ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମର୍ଷିଣର ପରମ ଶତ୍ରୁ ।

ତାଲିବେ ଦୁଆ: Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

ପୁନଶ୍ଚ ଆପଣ ସ.ଅ ହ. ଅଲୀ ର.ଅଙ୍କୁ ବନୁ ଖଜିମା ସଂପ୍ରଦାୟ ଅଭିମୁଖେ ପ୍ରେରଣ କଲେ । ସେ ସେମାନଙ୍କ ନିକଟକୁ ଯାଇ ସେମାନଙ୍କର ମୃତ୍ୟୁବରଣ କରିଥିବା ବ୍ୟକ୍ତିମାନଙ୍କର ଦିୟତ୍ (କ୍ଷତିପୂରଣ) ପୈଠ କରିବା ଓ ସମସ୍ତ ଘଟଣାର ତଦନ୍ତ କରିବା ନିମନ୍ତେ ପ୍ରେରଣ କଲେ । ହ. ଅଲୀ ର.ଅ ସେଠାକୁ ଯାଇ ସମସ୍ତ ମୃତକ ପରିଜନମାନଙ୍କୁ କ୍ଷତିପୂରଣ ପୈଠ କଲେ ଏବଂ ମୁସଲମାନମାନେ ମୃତକମାନଙ୍କର ଯେଉଁ ଧନରତ୍ନ ସବୁ ନେଇଥିଲେ ସେହି ସମସ୍ତ ଜିନିଷକୁ ସେମାନେ ଫେରସ୍ତ କରିଦେଲେ । ଏପର୍ଯ୍ୟନ୍ତକି କାଠର ପାତ୍ର ମଧ୍ୟ ଫେରସ୍ତ କରିଦେଲେ । ଉକ୍ତ କାଠ ପାତ୍ରରେ ବିଷ୍ଠାଭୁକ୍ (କୁକୁର) ଜଳପାନ କରୁଥିଲା । ସମସ୍ତ ମୃତକମାନଙ୍କର ପରିଜନକୁ ଦିୟତ (କ୍ଷତିପୂରଣ) ଦେବା ପରେ ହ. ଅଲୀ ର.ଅଙ୍କ ନିକଟରେ କିଛି ଅର୍ଥ ବଳିଲା। ତେଣୁ ହ. ଅଲୀ ର.ଅ ବନୁ ହଜିମା ସଂପ୍ରଦାୟର ଲୋକମାନଙ୍କୁ ପଚାରିଲେ ଯେ, ହେ ବନୁ ହଜିମାର ଲୋକମାନେ ! କ'ଣ ତୁମମାନଙ୍କ ମଧ୍ୟରେ ଏପରି କେହି ବ୍ୟକ୍ତି ରହିଯାଇଛି ଯାହାର କ୍ଷତିପୂରଣ ପୈଠ ହୋଇ ନଥିବ । ସମସ୍ତେ କହିଲେ, ନା । ଆମ ମଧ୍ୟରେ ଏପରି କୌଣସି ବ୍ୟକ୍ତି ନାହିଁ । ଫଳତଃ ହ. ଅଲୀ ର.ଅ ବଳକା ଅର୍ଥରାଶିକୁ ମଧ୍ୟ ସେହିନ ଲୋକମାନଙ୍କୁ ପ୍ରଦାନ କରିଦେଲେ ଏବଂ ଆପଣ ସ.ଅ ସେମାନଙ୍କୁ କହିଲେ, ମୁଁ ଏହି ସମସ୍ତ ଅର୍ଥ ରାଶି ରସୁଲୁଲ୍ଲାଃ ସ.ଅଙ୍କ ପକ୍ଷରୁ ସତର୍କତା ସ୍ୱରୂପ ତୁମମାନଙ୍କୁ ଦେଉଅଛି । କାରଣ ସମ୍ଭାବ୍ୟ କ୍ଷତିକୁ ମଧ୍ୟ ଏଡ଼ାଇ ଦିଆ ଯାଇପାରିବ । ଅର୍ଥାତ୍ ଉକ୍ତ ସମ୍ଭାବ୍ୟ କ୍ଷତିକୁ ନା ଅଲ୍ଲାଃତାଲାଙ୍କ ବାର୍ତ୍ତାବର ଜାଣନ୍ତି ଓ ନା ହିଁ ତୁମେମାନେ ଜାଣ । ହ. ଅଲୀ ର.ଅ ଫେରି ଆସିଲେ ଏବଂ ଆଁହଜରତ ସ.ଅଙ୍କ ସେବାରେ ସମସ୍ତ ରିପୋର୍ଟ ଉପସ୍ଥାପିତ କଲେ । ଆପଣ ର.ଅ ଏହା ମଧ୍ୟ କହିଲେ, ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ବନୁ ଖଜିମାରା ଅତି ଛୋଟରୁ ଛୋଟ ବସ୍ତୁ ଫେରସ୍ତ କରି ଦିଆଯାଇଛି ଓ ବଳକା ଅର୍ଥ ରାଶି ମଧ୍ୟ ସେମାନଙ୍କୁ ମୁଁ ଦେଇ ଦେଇଛି । ପ୍ରତ୍ୟୁତ୍ତରରେ ନବୀ କରୀମ୍ ସ.ଅ ଅତ୍ୟନ୍ତ ପ୍ରସନ୍ନ ହେଲେ ଓ ହ. ଅଲୀ ର.ଅଙ୍କୁ କହିଲେ, أَصَبْتَ وَأَحْسَنْتَ । ଅର୍ଥାତ୍ ହେ ଅଲୀ! ତୁମେ ଏକଦମ୍ ଠିକ୍ କାମ କରିଛ ଓ ଅତି ଉତ୍ତମ କାମ କରିଛ। ଉକ୍ତ ଘଟଣା ପୂର୍ବରୁ ଆଁହଜରତ ସ.ଅ ଏକ ସ୍ୱପ୍ନ ଦେଖିଥିଲେ । ଉକ୍ତ ସ୍ୱପ୍ନର ଚର୍ଚ୍ଚା ସିରତ୍ ଇବ୍ନେ ହଶ୍ଶାମ୍ଙ୍କ (ଜୀବନୀ) ପୁସ୍ତକରେ ଉଲ୍ଲିଖିତ ରହିଛି । ଆଁହଜରତ ସ.ଅ କହିଲେ, ହେ ଅଲୀ ଓ ସାହାବାମାନେ ! ମୁଁ ଯେତେବେଳେ ହୈସ୍ (ଯଅ, ଖଜୁରୀ, ପନୀର ଓ ଘୃତ ଅର୍ଥାତ୍ ଘିଅ ମିଶ୍ରିତ ଏକ ପ୍ରକାରର ଖାଦ୍ୟ)ର ଏକ ଗୁଳା ନିଜ ପାଟିରେ ପକାଇଲି ସେତେବେଳେ ମୋତେ ଉକ୍ତ ଖାଦ୍ୟ ସ୍ୱାଦ ବେଶ୍ ସୁଆଦିଆ ଲାଗିଲା । କିନ୍ତୁ ଯେତେବେଳେ ମୁଁ ଖାଦ୍ୟ ଗିଳିବାକୁ ଲାଗିଲି ସେତେବେଳେ ଉକ୍ତ ଖାଦ୍ୟର କିଛି ଅଂଶ ମୋ ତଣ୍ଟିରେ ଫସିଗଲା। ଅତଏବ୍ ଏହା ଦେଖି ହ. ଅଲୀ ର.ଅ ମୋ ପାଟିରେ ହାତ ପୂରାଇ ଉକ୍ତ ଫସି ଯାଇଥିବା ଖାଦ୍ୟାଂଶଟିକୁ କାଢିଲେ । ହ. ଅବୁ ବକ୍କର ର.ଅ ଉକ୍ତ ସ୍ୱପ୍ନର ଅର୍ଥ ପ୍ରକାଶ କରି କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଉକ୍ତ ଖାଦ୍ୟ ବା ଆହାର ହେଉଛି ଆପଣ ସ.ଅଙ୍କ ଦ୍ୱାରା ପ୍ରେରିତ ଏକ ସୈନ୍ୟବାହିନୀ । ସେହି ସୈନ୍ୟବାହିନୀକୁ ଆପଣ ସ.ଅ ଏକ ଯୁଦ୍ଧ ଅଭିଯାନରେ ପ୍ରେରଣ କରିବେ । ସେହିପରି ଉକ୍ତ ଆହାର ବା ଖାଦ୍ୟର କିଛି ଅଂଶ ଆପଣ ସ.ଅଙ୍କୁ ଭଲ ଲାଗିବ ଓ ଯେଉଁ କିଞ୍ଚିତ ଅଂଶ ଆପଣ ସ.ଅଙ୍କ ତଣ୍ଟିରେ ଲାଖି (ଅଟକି/ଫସି) ଯାଇଥିଲା ତହିଁରୁ ଏହା ହିଁ ଯଥାର୍ଥ କି ଆପଣ ସ.ଅ ଯେଉଁ ସୈନ୍ୟବାହିନୀକୁ ପ୍ରେରଣ କରିବେ ସେହି ସୈନ୍ୟବାହିନୀ ପକ୍ଷରୁ ଆପଣ ସ.ଅଙ୍କୁ କିଛି ଶୁଭ ଖବର ମିଳିବ ଓ ଆଉ କେତେକ ଖବର ଅଶୁଭ ପ୍ରାପ୍ତ ହେବ । ଉକ୍ତ ଅଶୁଭ ଖବରକୁ ଶୁଣି ଆପଣ ସ.ଅ ଆପତ୍ତି ପ୍ରକାଶ କରିବେ । ତତ୍ପରେ ଆପଣ ସ. ଅ ହ. ଅଲୀ ର.ଅଙ୍କୁ ପ୍ରେରଣ କରିବେ । ସେ ଅତ୍ୟନ୍ତ ସହଜତାର ସହିତ (ଉକ୍ତ) କାର୍ଯ୍ୟକୁ ସମ୍ପାଦନ କରିଦେବେ । ଅର୍ଥାତ୍ ପ୍ରସଙ୍ଗକୁ ଠିକ୍ କରିଦେବେ । **(ଅସ୍ ସିରତୁନ୍ ନବୱିୟାହ୍ ଲିଇବ୍ନି ହିଶ୍ଶାମ୍, ପୃ-756, ଦାରୁଲ୍ କୁତୁବୁଲ୍ ଇଲମିୟାହ୍ ବୈରୁତରୁ ଉଦ୍ଧୃତ) (ସହି ମୁସ୍ଲିମ୍, ଅନୁବାଦକ- ହୈଦରୁଜ୍ ଜମାନ୍, ଭାଗ-3, ପୃ-152)**

ସୁତରାଂ ଉକ୍ତ ସରିୟାର ଘଟଣାବଳୀରୁ ଉପରୋକ୍ତ ସ୍ୱପ୍ନ ସାକାର ହୋଇଗଲା । ବୁଖାରୀର ବ୍ୟାଖ୍ୟାକାର ହ. ସୟେଦ ଜୈନୁଲ୍ ଆବିଦିନ୍ ୱଲିଉଲ୍ଲାଃ ଶାହ୍ ସାହେବ ଯେକି ଜମାଅତ୍ର ଜଣେ ଜଣାଶୁଣା ବରେଣ୍ୟ ଲେଖକ ତଥା ବ୍ୟାଖ୍ୟାକାର ଅଟନ୍ତି। ସେ ବୁଖାରୀର ବ୍ୟାଖ୍ୟା ଉଲ୍ଲେଖ କରିଛନ୍ତି । ସେ ସମସ୍ତ ଘଟଣା ଏବଂ ସମସ୍ତ ବର୍ଣ୍ଣନାର ସମୀକ୍ଷା ଓ ବିଶ୍ଳେଷଣ କରି ଉଲ୍ଲେଖ କରନ୍ତି ଯେ, "ତବ୍କାତ ଇବ୍ନେ ସାଆଦ୍ ଏବଂ ସିରତ୍ ଇବ୍ନେ ହିଶ୍ଶାମ୍ ଉଭୟ ଇତିହାସ ଗ୍ରନ୍ଥରେ ଉପରୋକ୍ତ ଅଭିଯାନର ଚର୍ଚ୍ଚା କରିଛନ୍ତି । ଅର୍ଥାତ୍ ମକ୍କା ବିଜୟ ପରେ ନବୀ କରୀମ୍ ସ.ଅ ବିଭିନ୍ନ ଦିଗରେ କେତେକ ସୈନ୍ୟ ବାହିନୀକୁ ପ୍ରେରଣ କଲେ । କାରଣ ମଧ୍ୟବର୍ତ୍ତୀ ସଂପ୍ରଦାୟ ପକ୍ଷରୁ ସେମାନଙ୍କର ଇସ୍ଲାମ୍ ଧର୍ମ ଆଡ଼କୁ ଆସକ୍ତ ଥିବା ସଂପର୍କ ଜ୍ଞାତ କରାଯାଉ। ଏହା ନୁହେଁ ଯେ, ଜୋର ଜବରଦସ୍ତ ସେମାନଙ୍କୁ ମୁସଲମାନ କରାଯାଉ । ସୁତରାଂ ଆପଣ ସ.ଅଙ୍କ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅଙ୍କୁ ବନୁ ଖଜିମା ଅଭିମୁଖେ ପ୍ରେରଣ କରିବା ମଧ୍ୟ ଏହି ଉଦ୍ଦେଶ୍ୟରେ ଥିଲା । ତବକାତ୍ ଇବ୍ନେ ସାଆଦ୍ରେ ଉକ୍ତ ପ୍ରସଙ୍ଗରେ ଏହି ଶବ୍ଦାବଳୀ ସ୍ପଷ୍ଟ ଭାବରେ ଉଲ୍ଲେଖ ରହିଛି ଯେ, بَعَثَهُ إِلَى بَنِي جَذِيمَةَ دَاعِيًا إِلَى الْإِسْلَامِ وَلَمْ يَبْعَثْهُ مُقَاتِلًا ଅର୍ଥାତ୍ ନବୀ କରୀମ୍ ସ.ଅ 350 ଜଣ ପ୍ରବାସକାରୀ ଓ ଅନସାରମାନଙ୍କ ସମେତ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅଙ୍କୁ ଶୱାଲ୍ 8 ହିଜ୍ରୀରେ ବନୁ କିନାନାର ବନୁ ଖଜିମା ସଂପ୍ରଦାୟ ପାଖକୁ ପ୍ରେରଣ କଲେ । ଏହି କିନାନା ସଂପ୍ରଦାୟ ମକ୍କା ନିକଟବର୍ତ୍ତୀ ୟଲମ୍ଲମ୍ର ଚତୁର୍ପାର୍ଶ୍ୱରେ ଅବସ୍ଥିତ ଥିଲା ଏବଂ ସେଠାରେ ଲଢିବା ପରିବର୍ତ୍ତେ ସେମାନଙ୍କୁ ଇସ୍ଲାମ୍ ଧର୍ମ ଆଡ଼କୁ ଆମନ୍ତ୍ରିତ କରିବା ଉଦ୍ଦେଶ୍ୟରେ ଆପଣ ସ.ଅ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅଙ୍କୁ ପ୍ରେରଣ କରିଥିଲେ । ଉକ୍ତ ସଂପ୍ରଦାୟ ଅର୍ଥାତ୍ ବନୁ କିନାନା ସଂପ୍ରଦାୟ ଇସ୍ଲାମ୍ ଧର୍ମ ଆଡ଼କୁ ଆସକ୍ତ ଥିଲ । ଉକ୍ତ ଅଭିଯାନର ନାମ يَوْمُ الْغُمَيْصَاءِ ମଧ୍ୟ ଅଟେ । ଗୁମୈସାରୁ ଯଥାର୍ଥ ଝରଣାରୁ ବାହାରୁଥିବା ପାଣି । ପାବନ ଭୂମି ମକ୍କା ନିକଟବର୍ତ୍ତୀ ବାଦିୟା (ପଲ୍ଲୀ) ଠାରେ ଉକ୍ତ ଝରଣା ଅବସ୍ଥିତ ଥିଲା । ଏଠାରେ ସେହି ବନୁ ଖଜିମା ସଂପ୍ରଦାୟ ବାସ କରୁଥିଲା । ହ. ଅବ୍ଦୁଲ୍ଲାଃ ବିନ ଉମର୍ ର.ଅ ଯେକି ଉକ୍ତ ବର୍ଣ୍ଣନାର ବର୍ଣ୍ଣନାକାରୀ ଅଟନ୍ତି ସେ ଉକ୍ତ ଅଭିଯାନରେ ଉପସ୍ଥିତ ଥିଲେ। ଆପଣ ର.ଅଙ୍କ ବର୍ଣ୍ଣନାରେ ସଂକ୍ଷିପ୍ତତା ରହିଛି । ଇବ୍ନେ ଇସ୍ହାକ୍ ଉକ୍ତ ଘଟଣାର ସବିଶେଷ ବିବରଣୀ ବର୍ଣ୍ଣନା କରିଛନ୍ତି । ତହିଁରୁ ଏହା ଜ୍ଞାତ ହୁଏ ଯେ, ବନୁ ଖଜିମାର ଏକ ବିଶେଷ ଦଳ ଇସ୍ଲାମ ଧର୍ମ ସ୍ୱୀକରା କରିବାକୁ ରାଜି ହେଲେ ନାହିଁ । ବରଂ ଅସ୍ୱୀକର କରିଦେଲେ ଏବଂ ଅନେକ ଲୋକମାନେ ମୁସଲମାନ ହୋଇ ସାରିଥିଲେ । ଇସ୍ଲାମ୍ ଧର୍ମର ପ୍ରତ୍ୟାଖ୍ୟାନକାରୀମାନେ ଅସ୍ତ୍ର ଦ୍ୱାରା ସଜ୍ଜିତ ହୋଇ ଯୁଦ୍ଧ ଲଢିବାକୁ ଲାଗିଲେ । ଫଳତଃ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅ ସେମାନଙ୍କର ମୁକାବିଲା କଲେ ଏବଂ ସେମାନେ ଯେତେବେଳେ ପରାଜିତ ହେଲେ ସେତେବେଳେ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅ ସେମାନଙ୍କୁ ବନ୍ଦୀ କରିନେଲେ । ସେହି ଲୋକମାନଙ୍କ ମଧ୍ୟରୁ କେତେକ ଲୋକମାନେ ନିଜକୁ ବିପଦାଗ୍ରସ୍ତ ଦେଖି صَبَأْنَا صَبَأْنَاର ଶବ୍ଦ ଦ୍ୱାରା ନିଜର ଇସ୍ଲାମ୍ ଧର୍ମର ପରିପ୍ରକାଶ କରିବାକୁ ଲାଗିଲେ । صَبَأْنَاର ଅର୍ଥ ହେଲା ଆମେମାନେ ସାବି ହୋଇଯାଇଛୁ । ଅର୍ଥାତ ନିଜର ଧର୍ମ ପରିବର୍ତ୍ତନ କରି ନେଇଛୁ । ଆଁହଜରତ ସ.ଅଙ୍କୁ ପବିତ୍ର ମକ୍କା ଭୂମିରେ ବ୍ୟାଙ୍ଗାତ୍ମକ ଭାବରେ ସାବି ଶବ୍ଦ ଦ୍ୱାରା ଡକା ଯାଉଥିଲା ଏବଂ ଲୋକମାନଙ୍କ ମନରେ ଉକ୍ତ ଶବ୍ଦ ଦ୍ୱାରା ଘୃଣା ଭାବ ସୃଷ୍ଟି କରାଯାଉଥିଲା । କାରଣ ସେମାନେ ନିଜର ଧର୍ମ ମପରିବର୍ତ୍ତନ କରିନେଇଛନ୍ତି । ସେ ଯାହା ହେଉ ଲଢୁଥିବା ଲୋକମାନେ ସ୍ପଷ୍ଟ ଭାବରେ ଏବଂ ମୁକ୍ତ ହୃଦୟର ସହିତ ଇସ୍ଲାମ ଧର୍ମ ସ୍ୱୀକାର କରିବାର ପରିପ୍ରକାଶ କରି ନଥିଲେ । ବରଂ ସେମାନେ صَبَأْنَاଶବ୍ଦ ପ୍ରୟୋଗ କରିବାକୁ ଲାଗିଲେ । ଉକ୍ତ ବାକ୍ୟ ପ୍ରୟୋଗ କରିବା ସତ୍ତ୍ୱେ ସେମାନେ ନିଜକୁ ଯୁଦ୍ଧରେ ବଧ ହେବାରୁ ବର୍ତ୍ତାଇ ପାରିଲେ ନାହିଁ ।

ହଜରତ ଅବ୍ଦୁଲ୍ଲାହ ବିନ୍ ଉମର ର.ଅଙ୍କ କୁହନ୍ତି ଯେ, ସେ ହଜରତ ଖାଲିଦ୍ ବିନ୍ ୱାଲିଦ୍ ର.ଅଙ୍କ ବାର୍ତ୍ତା କ୍ରମେ ନିଜର ବନ୍ଦୀମାନଙ୍କୁ ହତ୍ୟା କରି ନଥିଲେ ଏବଂ ଆଁହଜରତ ସ.ଅଙ୍କ ସମ୍ମୁଖରେ ଉକ୍ତ ଘଟଣାର ଚର୍ଚ୍ଚା କରିଥିଲେ । ଫଳତଃ ଆଁହଜରତ ସ.ଅ ସେ ହାତ ଉଠାଇଲେ ଏବଂ ହଜରତ ଖାଲିଦ ବିନ୍ ୱାଲିଦ (ର.)ଙ୍କ ପ୍ରତି ନିଜର ଘୃଣା ଏବଂ ଅସନ୍ତୋଷ ଭାବ ପ୍ରକାଶ କଲେ । ଇବ୍ନେ ଇସ୍ହାକ୍ ଏବଂ ଇବ୍ନେ ସାଆଦ୍ଙ୍କ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ମୁଜାହିଦିନ୍ମାନଙ୍କ ମଧ୍ୟରେ ବନୁ ସୁଲୈମ୍ ଏବଂ ବନୁ ମୁଦ୍ଲଜ୍ ସଂପ୍ରଦାୟର ଯୋଦ୍ଧାମାନେ ମଧ୍ୟ ସାମିଲ୍ ଥିଲେ, ଯେଉଁମାନେ ବନୁ ହଜିମା ପରି ବନୁ କିନାନାର ଏକ ଶାଖା ଥିଲା । ଏହା ପୂର୍ବରୁ ଯଜିମା ସଂପ୍ରଦାୟକୁ କୌଣସି ଯୁଦ୍ଧରେ କ୍ଷତି ପହଞ୍ଚାଇଥିଲେ । ଯେତେବେଳେ ବନୁ ଯଜିମା ବନୁ ସୁଲୈମ୍ ଓ ମୁଦ୍ଲଜ୍କୁ ଇସଲାମ୍ ଧର୍ମ ମୁଜାହିଦିନ୍ ସୈନ୍ୟବାହିନୀଙ୍କ ସହିତ ବନୁ ସୁଲୈମ୍ ଦେଖିଲା, ସେତେବେଳେ ବନୁ ଯଜିମା ସେମାନଙ୍କ ସହିତ ଯୁଦ୍ଧ କରିବାକୁ ନିଜକୁ ଅସ୍ତ୍ର ଦ୍ୱାରା ସଜ୍ଜିତ ହୋଇଗଲେ । ହଜରତ ଖାଲିଦ୍ ସେମାନଙ୍କୁ କହିଲେ, "ଲୋକମାନେ ମୁସଲମାନ ହୋଇ ସାରିଲେଣି, ତେଣୁ ଏହି ଯୁଦ୍ଧ କାହିଁକି ? ତୁମେମାନେ ଅସ୍ତ୍ର ରଖ ଅର୍ଥାତ୍ ଆତ୍ମ ସମର୍ପଣ କରିଦିଅ । ଯେପରିକି ପୂର୍ବେ ଉଲ୍ଲେଖ କରାଯାଇଛି, ଜହ୍ଦମ୍ ନାମକ ଜଣେ ଅଧିପତି ସେମାନଙ୍କୁ ଅସ୍ତ୍ର ନ ରଖିବାକୁ ପରାମର୍ଶ ଦେଲା ଏବଂ କହିଲା, ତୁମେମାନେ ଅସ୍ତ୍ର ପକାଇବ ନାହିଁ। ଅର୍ଥାତ୍ ଆତ୍ମସମର୍ପଣ କରିବ ନାହିଁ । ଅନ୍ୟଥା ତୁମମାନଙ୍କୁ ହତ୍ୟା କରିଦିଆଯିବ ଓ ବନ୍ଦୀ କରି ନିଆଯିବ । ଜାତିର କିଛି ଲୋକ ତାକୁ (ଅଧିପତିକୁ) ଅଟକାଇଲେ ଏବଂ କହିଲେ, ହେ ଅଧିପତି ! ତୁମେ କାହିଁକି ରକ୍ତପାତ କରୁଛ ? ଲୋକମାନେ ମୁସଲମାନ ହୋଇ

## ହଦିସେ ନବୱୀ ସ.ଅ.ସ :-

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯୁବ ଖୁଦାମ ଓ ଅତ୍ଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ଠାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିଷ୍ଟତା ଓ ଅସଭ୍ୟତା ଆଦି କାର୍ଯ୍ୟ ।"

(ମଲ୍ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family,
Jamat Ahmadiya Kardapalli (Odisha)

ସାରିଛନ୍ତି ।" ଇବ୍‌ନେ ହିଶ୍ଶାମ୍‌ଙ୍କ ବର୍ଣ୍ଣନାରେ ଏହା ଦେଖିବାକୁ ମିଳେ ଯେ, ସେହି ସଂପ୍ରଦାୟ ମଧ୍ୟରେ ଓ ଯେ ବନୁ କିନାନା ସଂପ୍ରଦାୟ ମଧ୍ୟରେ କିଛି ରକ୍ତପାତଜନିତ ପ୍ରତିଶୋଧର ପ୍ରସଙ୍ଗ ମଧ୍ୟ ଥିଲା । ଫଳତଃ ସେମାନଙ୍କ ମଧ୍ୟରୁ କିଛି ଲୋକ ଯୁଦ୍ଧ କଲେ ଓ ନିହତ ମଧ୍ୟ ହେଲେ ଏବଂ ଆଉ କେତେକ ଲୋକ ବନ୍ଦୀ ହେଲେ । ଏହା ଜଣାଯାଏ ଯେ ବନୁ ସୁଲୈମ୍‌ର ଯୋଦ୍ଧାମାନେ ହଜରତ ଖାଲିଦ ବିନ୍ ୱାଲିଦ (ର.ଅ)ଙ୍କ ଫତ୍‌ୱା (ଧର୍ମାଦେଶ) ଉପରେ ନିଜର କେତେକ ବନ୍ଦୀମାନଙ୍କୁ କୌଣସି ଅଭିପ୍ସିତ ପ୍ରତିଶୋଧ ପାଇଁ ବଧ କରିଦେଲେ ଏବଂ ସେମାନଙ୍କର ଇସଲାମ୍ ଧର୍ମ ପରିପ୍ରକାଶକୁ କପଟତା ବୋଲି ଦାୟୀ କରିଥିଲେ । କିନ୍ତୁ ପ୍ରବାସକାରୀ ଏବଂ ଅନ୍‌ସାର୍‌ମାନେ ଖାଲିଦ୍‌ଙ୍କ ଏହି ଫତ୍‌ୱାକୁ ଗ୍ରହଣ କଲେ ନାହିଁ ଏବଂ ନିଜର ବନ୍ଦିମାନଙ୍କୁ ଉପରୋକ୍ତ ଶବ୍ଦ ସହିତ ଇସ୍‌ଲାମ୍ ଧର୍ମ ପରିପ୍ରକାଶ କରିବା ହେତୁ ମୁକ୍ତ କରିଦେଲେ । ସେମାନେ ବନ୍ଦୀମାନଙ୍କୁ ହତ୍ୟା କରିବା ପରିବର୍ତ୍ତେ ସେମାନଙ୍କୁ ମୁକ୍ତ କରିଦେଲେ । ଆଁହଜରତ ସ.ଅଙ୍କ ଫତ୍‌ୱା (ଧର୍ମାଦେଶ) ସ୍ପଷ୍ଟ ଅଟେ । ହଜରତ ଅବ୍‌ଦୁଲ୍ଲାଃ ବିନ୍ ଉମର ର.ଅଙ୍କ ଦ୍ୱାରା ବର୍ଣ୍ଣିତ ବର୍ଣ୍ଣନାରୁ ମଧ୍ୟ ଏହା ସ୍ପଷ୍ଟ ଯେ ବନ୍ଦୀମାନଙ୍କୁ ହତ୍ୟା କରିବା ସମ୍ପର୍କରେ ଏହା ହଜ୍‌ରତ ଖାଲିଦ ବିନ୍ ୱାଲିଦ୍ (ର.ଅ)ଙ୍କ ଆଦେଶ ନଥିଲା, ବରଂ ଏହା ଏକ ଫତ୍‌ୱା (ଧର୍ମାଦେଶ) ଥିଲା ଯେଉଁ ଧର୍ମାଦେଶ ସହିତ ଅଧିକାଂଶ ସାହାବା ର.ଅ ସହମତ ନଥିଲେ । ଯଦି ଏହା ଏକ ନିର୍ଦ୍ଦେଶ ହୋଇଥାନ୍ତା, ତେବେ ସମସ୍ତେ ଏହାକୁ ଗ୍ରହଣ କରିଥାନ୍ତେ ଏବଂ କେହି ବି ଏଥିରେ ମତଭେଦ ପ୍ରକାଶ କରନ୍ତେ ନାହିଁ । କିନ୍ତୁ କୌଣସି କାରଣରୁ, ହଜରତ ଖାଲିଦ୍ ର.ଅ ଫତ୍‌ୱା ଦେବାରେ ଭୁଲ କରିଥିଲେ ଏବଂ ଆଁହଜରତ ସ.ଅ ହ. ଖାଲିଦ ର.ଅଙ୍କ ଉକ୍ତ ତ୍ରୁଟି (ଭୁଲ୍) ଯୋଗୁଁ ଗଭୀର ଭାବରେ ମର୍ମାହତ ହୋଇଥିଲେ । ଆପଣ ସ.ଅ ହଜରତ୍ ଅଲୀ ର.ଅଙ୍କୁ ଏହାର କ୍ଷତିପୂରଣ ଦେବା ପାଇଁ ପଠାଇଥିଲେ । ହ. ଅଲୀ ର.ଅ ସେଠାକୁ ଯାଇ ପ୍ରତ୍ୟେକ ପିଲାର ରକ୍ତପାତର ଦିୟତ (କ୍ଷତିପୂରଣ)ଦେଇଥିଲେ, ଏପରିକି ଯେଉଁମାନଙ୍କର କୁକୁର ନିହତ ହୋଇଥିଲେ ସେମାନଙ୍କର କୁକୁରର ଦେୟ ମଧ୍ୟ ଦିଆଯାଇଥିଲା । ସିରତ୍ ଇବ୍ନେ ହିଶ୍ଶାମ୍‌ରେ ଏହା ଉଲ୍ଲେଖ ରହିଛି ଏବଂ ଏତଦ୍‌ଭିନ୍ନ ବାଧ୍ୟତାମୂଳକ ଦିୟତ ବ୍ୟତୀତ ସେମାନଙ୍କୁ ଅଧିକ ଓ ଅତିରିକ୍ତ ଟଙ୍କା ମଧ୍ୟ ଦେଲେ । ଇମାମ୍ ବାକିର୍ ର.ଅ ମଧ୍ୟ ହଜରତ୍ ଅଲୀ ର.ଅଙ୍କ ମାଧ୍ୟମରେ କ୍ଷତିପୂରଣ ବିଷୟରେ ଚର୍ଚ୍ଚା କରିଛନ୍ତି । ଅର୍ଥାତ୍ ହଜରତ୍ ଖାଲିଦ୍ ଯୁଦ୍ଧରେ ସେମାନଙ୍କୁ ସଂହାର ଏବଂ ବନ୍ଦୀ କରିବାକୁ ଲାଗିଲେ । ଏହାର ଅର୍ଥ ଏହା ନୁହେଁ ଯେ ସେମାନେ ଆତ୍ମସମର୍ପଣ କରିବା ପରେ ମଧ୍ୟ ହ. ଖାଲିଦ୍ ର.ଅ ସେମାନଙ୍କୁ ସଂହାର କରିବାକୁ ଲାଗିଲେ । ଏଥି ସଂକ୍ରାନ୍ତରେ ଇବ୍ନେ ସାଆଦ୍ ର.ଅ ଯେଉଁ ବର୍ଣ୍ଣନାଗୁଡ଼ିକ ଉଲ୍ଲେଖ କରିଛନ୍ତି ତନ୍ମଧ୍ୟରୁ ଏକ ବର୍ଣ୍ଣନା ଇବ୍ନେ ଇସ୍‌ହାକ୍ ହଜରତ ଇବ୍ନ ଅବି ହଦ୍‌ରଦ୍ ଅସ୍‌ଲମି ର.ଅଙ୍କ ଠାରୁ ଆସିଛି । ସେ ଉକ୍ତ ପୁସ୍ତକରେ ଏହି ସୈନ୍ୟବାହିନୀରେ ଉପସ୍ଥିତ ଥିଲେ। ଇବ୍‌ନେ ସାଆଦ୍‌ଙ୍କ ବର୍ଣ୍ଣନାରୁ ସ୍ପଷ୍ଟ ଯେ, ସେମାନଙ୍କ ମଧ୍ୟରୁ କେତେକ ଲୋକ ଯୁଦ୍ଧ କରିଥିଲେ । ଉକ୍ତ ଚର୍ଚ୍ଚା ମଧ୍ୟ ରହିଛି ଯେ ବନୁ ଯଜିମାଙ୍କୁ ସଶସ୍ତ୍ର ଥିବାର ଦେଖି ହଜରତ୍ ଖାଲିଦ୍ ସେମାନଙ୍କୁ ପଚାରିଲେ: مَا اَنْتُمْ عَلَيْهِ ଅର୍ଥାତ୍ "ଘଟଣା କ'ଣ କି ତୁମେମାନେ ଅସ୍ତ୍ରଶସ୍ତ୍ର ଧରି ରହିଛ ? ସେମାନେ କହିଲେ: "ଆମ ମଧ୍ୟରେ ଏବଂ ଆରବର କିଛି ସଂପ୍ରଦାୟ ମଧ୍ୟରେ ଏକ ପୁରୁଣା ଶତ୍ରୁତା ଅଛି, ତେଣୁ ଆମେ ଉକ୍ତ କଥାଯୋଗୁଁ ଭୟ କଲୁ ଯେ, ତୁମେମାନେ ହେଉଛ ସେହି ଲୋକ, ତେଣୁ ଆମେ ଅସ୍ତ୍ରଶସ୍ତ୍ର ଧରି ଛିଡ଼ା ହୋଇଛୁ ।" ହଜରତ୍ ଖାଲିଦ୍ ସେମାନଙ୍କୁ ବନ୍ଦୀ କରିବା ନିମନ୍ତେ ଆଦେଶ ଦେଲେ । ସେମାନଙ୍କର ବାହୁଦ୍ୱୟକୁ ବାନ୍ଧି ଦିଆଗଲା ଏବଂ ସେମାନଙ୍କୁ ସେମାନଙ୍କ ସାଥୀମାନଙ୍କ ମଧ୍ୟରେ ବାଣ୍ଟି ଦିଆଗଲା ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଇମାମ୍ ଇବ୍‌ନେ ହଜର୍ ର.ଅ ଉକ୍ତ ପ୍ରାମାଣ୍ୟ ଦେଖି କରି ଉଲ୍ଲେଖ କରିଛନ୍ତି ଯେ, ଯୁଦ୍ଧକାରୀମାନେ ଯୁଦ୍ଧ କରିବା ପରେ ନିଜକୁ ଆତ୍ମସମର୍ପଣ କରିଥିଲେ । ଇମାମ୍ ବୁଖାରୀଙ୍କ ବର୍ଣ୍ଣନାରେ ସଂକ୍ଷିପ୍ତତା ରହିଛି ଏବଂ ମୁଗାଜି ପୁସ୍ତକର ବର୍ଣ୍ଣନାରେ ଯେଉଁ ଘଟଣାବଳୀ ବର୍ଣ୍ଣିତ ହୋଇଛି ତହିଁରେ ମଧ୍ୟ ସ୍ପଷ୍ଟ ତାଳମେଳ ରହୁ ନାହିଁ । କିନ୍ତୁ ତହିଁରୁ ସଂକ୍ଷିପ୍ତ ରୂପେ ଏହା ଜ୍ଞାତ ହୋଇଥାଏ ଯେ, ଯେଉଁ ସଂଘର୍ଷ ଉକ୍ତ ପ୍ରଚାରିତ ଅଭିଯାନ ସମୟରେ ହୋଇଥିଲା ତହିଁରେ ଅଶିକ୍ଷିତ ଯୁଗର କୌଣସି ରକ୍ତପାତର ହସ୍ତକ୍ଷେପ ଅବଶ୍ୟ ଥିଲା । କେବଳ ସାବାଅନା ଶବ୍ଦ ସଂକ୍ରାନ୍ତରେ ବିଭିନ୍ନ ମତ ଉପରେ କେତେକ ବନ୍ଦୀମାନଙ୍କୁ ସଂହାର କରିବା ବୁଦ୍ଧି ବହିର୍ଭୂତ ଅଟେ । ବିଶେଷ କରି ସେତେବେଳେ ପ୍ରବାସକାରୀମାନେ ଏବଂ ଅନ୍‌ସାରମାନେ ଖୋଲମଖୋଲା ରୂପେ ଉପରୋକ୍ତ ଧର୍ମାଦେଶ ବିରୁଦ୍ଧୀୟ ଥିଲେ । ଖତ୍ତାବୀ କୁହନ୍ତି ଯେ, ନବୀ କରୀମ୍ ସ.ଅଙ୍କ ଉକ୍ତ ବାକ୍ୟରୁ اَللّٰهُمَّ اِنِّىْ اَبْرَاُ اِلَيْكَ مِمَّا صَنَعَ خَالِدٌ ପ୍ରକାଶ୍ୟ ଯେ, ହ. ଖାଲିଦ୍ ର.ଅ ଘଟଣା ସଂପର୍କରେ ତଦନ୍ତ ନକରି ତ୍ୱରିତ ପଦକ୍ଷେପ ଗ୍ରହଣ କରିଥିବା ହେତୁ ଆଁହଜରତ ସ.ଅ ହ. ଖାଲିଦ୍ ର.ଅଙ୍କ ପ୍ରତି ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ହ. ଖାଲିଦ୍ ର.ଅଙ୍କ ଏହି କର୍ତ୍ତବ୍ୟ ଥିଲା କି ସେ ସଂପୂର୍ଣ୍ଣ ରୂପେ ସତ୍ୟା ସତ୍ୟ ଜାଣି ନେଇଥାଆନ୍ତେ କି ଲୋକମାନେ ଯେଉଁ ସବାଅନା ଶବ୍ଦ କହୁଛନ୍ତି, ତହିଁରୁ କ'ଣ ଯଥାର୍ଥ ଅଟ ?

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଇମାମ୍ ବାକିରଙ୍କ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ଆଁହଜରତ ସ.ଅ ହ. ଅଲୀ ର.ଅଙ୍କୁ ଡକାଇଲେ ଏବଂ ତାଙ୍କୁ କହିଲେ ଯେ, ସେ ସେହି ଲୋକମାନଙ୍କ ପାଖକୁ ଯାଆନ୍ତୁ ଏବଂ ଅଶିକ୍ଷିତମୂଳକ କଥାକୁ ନିଜ ପାଦ ତଳେ ଦଳି ଦିଅନ୍ତୁ । ସୁତରାଂ ହ. ଅଲୀ ର.ଅ ଗଲେ ଏବଂ ସେ ଜଣ ଜଣଙ୍କର ଦିୟତ (କ୍ଷତିପୂରଣ) ଦେଲେ । ଉକ୍ତ ବର୍ଣ୍ଣନାରୁ ଏହା ପ୍ରକାଶ୍ୟ ଯେ, ସେହି ଲୋକମାନଙ୍କର ଅଭିପ୍ସିତ ବିଦ୍ୱେଷ, ଈର୍ଷା ଓ ପ୍ରତିଶୋଧ ପରାୟଣ ହୋଇ ଯୁଦ୍ଧ ଘଟଣା ପଛରେ କାର୍ଯ୍ୟ କରୁଥିଲା । ସେଇଥି ପାଇଁ ଆପଣ ସ.ଅ କହିଲେ, ହେ ଅଲୀ ତୁମେ ଅତୀତର କଥାକୁ ପାଦ ତଳେ ଦଳିଦିଅ । ଅର୍ଥାତ୍ ଅତୀତର କଥାକୁ ଭୁଲିଯାଅ । ଅତଏବ୍ ଆପଣ ସ.ଅ ଜାଣି ନେଇଥିଲେ ଯେ, ସେହି ଲୋକମାନଙ୍କ ମନରେ କୌଣସି ପୁରୁଣା ବିଦ୍ୱେଷ ରହିଛି । ଏହି ବିଦ୍ୱେଷ ପରବର୍ତ୍ତୀ ସମୟରେ ସଂହାରର କାରଣ ସାଜିଲା ।

ହୁଜୁର ଅନ୍‌ୱର୍ ଅ.ହବ କହିଲେ, ଯେତେବେଳେ ଆଁହଜରତ ସ.ଅ କୌଣସି ଅଭିଯାନରେ ମୁସଲମାନ ସୈନ୍ୟବାହିନୀକୁ ପ୍ରେରଣ କରୁଥିଲେ ସେତେବେଳେ ଆପଣ ସ.ଅ ସୈନ୍ୟବାହିନୀକୁ ଏହି ଉପଦେଶ ଦେଉଥିଲେ ଯେ, ହେ ଇସ୍‌ଲାମୀୟ ସୈନ୍ୟବାହିନୀ ! ତୁମେମାନେ ଯୁଦ୍ଧରେ କେବେ ବି ଶୀଘ୍ରତା ପ୍ରଦର୍ଶନ କରିବ ନାହିଁ। ଧୀର ଓ ବିନମ୍ରତା ପ୍ରଦର୍ଶନ କରାଯାଉ ଏବଂ ମୁକାବିଲା କରିବା ପୂର୍ବରୁ ଶତ୍ରୁ ପକ୍ଷକୁ ଇସ୍‌ଲାମ୍ ଧର୍ମ ଆଡ଼କୁ ନିମନ୍ତ୍ରିତ କରାଯାଉ । ଏହି ସ୍ପଷ୍ଟ ଆଦେଶ ଦିଆଯିବା ପରେ ସତ୍ୟ ସିଦ୍ଧ ହୋଇଯାଉ ଏବଂ ଯେଉଁଠି ଅଜାନ୍‌ର ସ୍ୱର ଶୁଭିବ ତୁମେମାନେ ସେଠାରେ ଆକ୍ରମଣ କରିବ ନାହିଁ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉପରୋକ୍ତ ଘଟଣାରେ ସ୍ୱୟଂ ବନୁ ଯଜିମା ସଂପ୍ରଦାୟ ପକ୍ଷରୁ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିବାର ସନ୍ଦେଶ ପହଞ୍ଚିଥିଲା । ଫଳତଃ ଉପରୋକ୍ତ ଅଭିଯାନ ଅତ୍ୟନ୍ତ ସ୍ୱଷ୍ଟତାର ସହିତ ପ୍ରେରଣ କରାଗଲା । ତହିଁରୁ ଇସ୍‌ଲାମ୍ ଧର୍ମ ଆଡ଼କୁ ଆମନ୍ତ୍ରିତ କରିବା ଯଥାର୍ଥ ଅଟେ । ଯୁଦ୍ଧ ନୁହେଁ । ଅତଏବ୍ ତବ୍‌କାତେ ଇବ୍‌ନେ ସାଆଦ୍‌ରେ ବର୍ଣ୍ଣିତ ହୋଇଛି ଯେ, ଯେତେବେଳେ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅ ବନୁ ଯଜିମା ସଂପ୍ରଦାୟ ପାଖରେ ପହଞ୍ଚିଲେ ସେତେବେଳେ ସେ ଅର୍ଥାତ୍ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅ ସେମାନ(ବନୁ ଯଜିମା ସଂପ୍ରଦାୟ)ଙ୍କୁ ପଚାରିଲେ, ଆପଣମାନେ କିଏ ଅଟନ୍ତି ? ସେମାନେ କହିଲେ, ଆମେମାନେ ମୁସଲମାନ ଅଟୁ । ଆମେମାନେ ନମାଜ ପାଠ କରୁ ଓ ମୁହମ୍ମଦ ମୁସ୍ତଫା ସ.ଅଙ୍କୁ ସତ୍ୟାବତାର ବୋଲି ଗ୍ରହଣ କରିଛୁ । ଆମେମାନେ ନିଜ ଘରର ପ୍ରାଙ୍ଗଣରେ ମସ୍‌ଜିଦ୍ ନିର୍ମାଣ କରିଛୁ ଏବଂ ସେହି ପ୍ରାଙ୍ଗଣରେ ଥିବା ମସ୍‌ଜିଦରେ ଆମେମାନେ ଅଜାନ୍ ଦେଉଛୁ । ହ. ଖାଲିଦ୍ ବିନ୍ ୱଲିଦ୍ ର.ଅ ପଚାରିଲେ ଯେ, ହେ ଯଜିମା ସଂପ୍ରଦାୟ ! ତେବେ ଏହି ଅସ୍ତ୍ରଶସ୍ତ୍ର କାହିଁକି ଧରିଛ ? ସେମାନେ କହିଲେ, ଆମେମାନଙ୍କର ଆରବର ଏକ ଜାତି ସହିତ ପୂର୍ବ ଶତ୍ରୁତା ରହିଛି । ଆମେମାନଙ୍କ ମନରେ ଏହି ସନ୍ଦେହ ସୃଷ୍ଟି ହେଲା କି ସେହି ଲୋକମାନେ ତୁମେ ନୁହଁ ତ' ? ଉପରୋକ୍ତ ସ୍ପଷ୍ଟୀକରଣ ପରେ ସେମାନଙ୍କ ସହିତ ଯୁଦ୍ଧ ସ୍ଥିତି ଉଚିତ୍ ନଥିଲା । ଏହା ଜ୍ଞାତ ହୁଏ ଯେ, ୟଲମ୍‌ଲମ୍‌ର ଚତୁର୍ପାର୍ଶ୍ୱରେ ଅବସ୍ଥାନ ସମୟରେ ପୁରାତନ ଶତ୍ରୁତାର ଅଗ୍ନି ସ୍ଫୁଲିଙ୍ଗ ହୋଇଛି । ଏହି କାରଣରୁ ଏକ ଗୋଷ୍ଠୀ ସହିତ ଯୁଦ୍ଧ ଭଳି ସ୍ଥିତି ଉପୁଜିଛି । ଏହା ପରେ ଯୋଦ୍ଧାଗଣଙ୍କ ପକ୍ଷରୁ صَبَأْنَا ଶବ୍ଦ ମାଧ୍ୟମରେ ଇସ୍‌ଲାମ୍ ଧର୍ମର ପରିପ୍ରକାଶ କରିବା ଫଳରେ ସେମାନଙ୍କର ପ୍ରାଣ ରକ୍ଷା ହେଲା ନାହିଁ ଏବଂ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅ ସୈନ୍ୟବାହିନୀର ସେନାମୁଖ୍ୟ ଅର୍ଥାତ୍ ସେନାପତି ହେବା ଯୋଗୁଁ କୋପର ଶିକାର ହେଲେ ଏବଂ ନିନ୍ଦିତ ହେଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଇବ୍‌ନେ ହିଶ୍ଶାମ୍ ର. ଖାଲିଦ୍ ଏବଂ ହ. ଅବ୍‌ଦୁର୍ ରହ୍‌ମାନ ବିନ୍ ଔଫ୍‌ଙ୍କ ମଧ୍ୟରେ ଯେଉଁ ମତଭେଦ ଓ ପାରସ୍ପାରିକ ବିକ୍ଷୁବ୍ଧତା ହୋଇଥିଲା, ସେଥି ସଂକ୍ରାନ୍ତରେ ଚର୍ଚ୍ଚା କରିଛନ୍ତି । ହ. ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଔଫ୍ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅଙ୍କୁ କହିଲେ, عَمِلْتَ بِاَمْرِ الْجَاهِلِيَّةِ فِى الْاِسْلَامِ ଅର୍ଥାତ୍ ହେ ଖାଲିଦ୍ ! ଆପଣ ଇସ୍‌ଲାମ୍ ଧର୍ମରେ ଅଶିକ୍ଷିତ ଏବା ମୂର୍ଖତାପୂର୍ଣ୍ଣ କଥା କହିଛନ୍ତି। ପ୍ରତ୍ୟୁତ୍ତରରେ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଔଫ୍ ର.ଅଙ୍କୁ କହିଲେ, اِنَّمَا ثَأَرْتُ بِاَبِيْكَ ହେ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଔଫ୍ ! ଅର୍ଥାତ୍ ତୁମେ

## ହ.ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୂଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family, Jamat Ahmadiya Kerang, Darul Barkat (Odisha)

ମୋତେ ଏକଥା କହି ନିଜ ପିତାଙ୍କର ପ୍ରତିଶୋଧ ନେଇଛ । ହ. ଅବ୍ଦୁର୍ ରହ୍‌ମାନ୍ ବିନ୍ ଔଫ୍ ର.ଅ ଉତ୍ତର ଦେଲେ ଯେ, ହେ ଖାଲିଦ୍ ! ଆପଣ ଯେଉଁ କଥା ମୋତେ କହୁଛନ୍ତି ତାହା ଆଦୌ ଠିକ୍ ନୁହେଁ । କାରଣ ମୁଁ ନିଜ ପିତାଶ୍ରୀଙ୍କ ହତ୍ୟାକାରୀର ବଧ କରି ପିତାଶ୍ରୀଙ୍କ ହତ୍ୟାର ପ୍ରତିଶୋଧ ନେଇ ସାରିଛି । କିନ୍ତୁ ହେ ଖାଲିଦ୍ ! ଆପଣ ନିଜର ଚଚା ଫାକିହ୍ ବିନ୍ ମୁଗିରାହ୍‌ଙ୍କ ପ୍ରତିଶୋଧ ନେଇ ନେଇଛନ୍ତି । ଉକ୍ତ କଳହ ଯୋଗୁଁ ଦୁହେଁ ପରସ୍ପର ଉପରେ ଏତେ କ୍ରୋଧ ପ୍ରକାଶ କଲେ ଯେ, ରସୁଲୁଲ୍ଲାଃ ସ.ଅ ଙ୍କୁ ଏହି ଅସନ୍ତୋଷ ଏବଂ ଉକ୍ତ କଳହର ସୂଚନା ପ୍ରାପ୍ତ ହେଲା । ଅତଏବ୍ ରସୁଲୁଲ୍ଲାଃ ସ.ଅ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅଙ୍କୁ କହିଲେ, ହେ ଖାଲିଦ୍ ! ତୁମେ ମୋ ସାହାବାମାନଙ୍କ ସଂପର୍କରେ ଏପିର କୁଧାରଣା ପୋଷଣ କର ନାହିଁ । ମୁଁ ଈଶ୍ୱରଙ୍କ ଶପଥ କରି କହୁଛି! (ଏହି ପ୍ରାରମ୍ଭିକ ସାହାବାମାନେ) ଯଦି ତୁମକୁ ୱହୋଦ୍ ପର୍ବତ ପରି ସୁନା ମିଳିଯାଏ ଓ ତୁମେ ସେହି ସୁନାକୁ ଅଲ୍ଲାଃତାଲାଙ୍କ ମାର୍ଗରେ ବ୍ୟୟ କରିଦିଅ ତେବେ ମଧ୍ୟ ତୁମ ମୋର ସାହାବାମାନଙ୍କ ମର୍ଯ୍ୟାଦା ପ୍ରାପ୍ତ କରିପାରିବ ନାହିଁ । ଅର୍ଥାତ୍ ସାହାବାମାନଙ୍କୁ ସକାଳ ସନ୍ଧ୍ୟାରେ ଈଶ୍ୱରଙ୍କ ଚର୍ଚ୍ଚା କରିବା ଦ୍ୱାରା ଯେଉଁ ପୁଣ୍ୟ ଏବଂ ଯେଉଁ ମର୍ଯ୍ୟାଦା ପ୍ରାପ୍ତ ହୋଇଛି ସେହି ମର୍ଯ୍ୟାଦା ଓ ପୁଣ୍ୟ ତୁମେ କଦାପି ପ୍ରାପ୍ତ କରିପାରିବ ନାହିଁ ।

ସିରତ୍ ଇବ୍‌ନେ ହିଶ୍ଶାରେ ଇବ୍‌ନେ ଇସାହାକ୍‌ଙ୍କ ବର୍ଣ୍ଣନା ମଧ୍ୟ ବିଦ୍ୟମାନ ରହିଛି ଏବଂ ତହିଁରେ ଏହି ଚର୍ଚ୍ଚା ରହିଛି ଯେ, ଫାକିହ୍ ବିନ୍ ମୁଗିରାହ୍ ମଖ୍‌ଜୁମି, ଔଫ୍ ବିନ୍ ଅବ୍‌ଦେ ଔଫ୍ ଜୁହ୍‌ରୀ ଓ ଅଫ୍ଫାନ୍ ବିନ୍ ଅବିଲ୍ ଆସ୍ ୟମନ୍ ଅଭିମୁଖେ ବାଣିଜ୍ୟ କରିବା ଉଦ୍ଦେଶ୍ୟରେ ଗଲେ ଏବଂ ଫେରିବା ସମୟରେ ଆପଣ ଏକ ଯଜିମି ବ୍ୟକ୍ତିର ଧନକୁ ତା' ଉତ୍ତରାଧିକୀରୀମାନଙ୍କୁ ଦେଇଦେଲେ । ଅର୍ଥାତ୍ ଯଜିମା ସଂପ୍ରଦାୟର ବ୍ୟକ୍ତି ଫେରିଲା ବେଳେ ମୃତ୍ୟୁ ବରଣ କରିଥିଲା । ସେଇଥି ପାଇଁ ଉପରୋକ୍ତ ବ୍ୟକ୍ତିମାନେ ଏହାର ଧନକୁ ତା'ର ଉତ୍ତରାଧିକାରୀମାନଙ୍କୁ ପ୍ରଦାନ କରିଦେଲେ । ବନୁ ଯଜିମା ସଂପ୍ରଦାୟର ଜଣେ ବ୍ୟକ୍ତି ଯାହାର ନାମ ହ. ଖାଲିଦ୍ ବିନ୍ ହିଶ୍ଶାମ୍ ଥିଲା ସେ ମାର୍ଗରେ ସେମାନଙ୍କୁ (ଉପରୋକ୍ତରେ ଯେଉଁ ନାମ ସବୁ ଉଲ୍ଲେଖ କରାଯାଇଛି ସେହି ଲୋକଙ୍କ ସହିତ) ଭେଟିଲା ଏବଂ ଯେତେବେଳେ ତାକୁ ନିଜ ସଂପ୍ରଦାୟ ଅର୍ଥାତ୍ ଯଜିମି ସଂପ୍ରଦାୟର ଜଣେ ବ୍ୟକ୍ତିର ମୃତ୍ୟୁ ସଂପର୍କରେ ଜ୍ଞାତ ହେଲା ସେତେବେଳେ ସେ କହିଲା, ସେ ଉକ୍ତ ମୃତ ବ୍ୟକ୍ତିର ଧନର ଅଧିକାରୀ ଅଟେ । ସେମାନେ (ଅର୍ଥାତ୍ ଫାକିହ୍ ବିନ୍ ମୁଗିରାହ୍ ମଖ୍‌ଜୁମି, ଔଫ୍ ବିନ୍ ଅବ୍‌ଦେ ଔଫ୍ ଜୁହରୀ ଓ ଅଫ୍ଫାନ୍ ବିନ୍ ଅବିଲ୍ ଆସ୍) ଉକ୍ତ ବ୍ୟକ୍ତିକୁ ମୃତ ବ୍ୟକ୍ତିର ଧନ ଦେବାକୁ ଅସ୍ୱୀକାର କରିଦେଲେ । ଏହାକୁ କେନ୍ଦ୍ର କରି ଉଭୟଙ୍କ ମଧ୍ୟରେ ଅର୍ଥାତ୍ ଔଫ୍ ବିନ୍ ଅବ୍‌ଦେ ଔଫ୍ ଓ ଫାକିହ୍‌ଙ୍କ ମଧ୍ୟରେ ଯୁଦ୍ଧ ହେଲା । ଯୁଦ୍ଧରେ ଦୁହେଁ ମୃତ୍ୟୁବରଣ କଲେ । ଅଫ୍ଫାନ୍ ବିନ୍ ଅବିଲ୍ ଆସ୍ ଓ ତାଙ୍କର ପୁତ୍ର ବଞ୍ଚିଗଲେ ଏବଂ ସେମାନେ ଫାକିହ୍ ବିନ୍ ମୁଗିରାହ୍ ଏବଂ ଔଫ୍ ବିନ୍ ଅବଦେ ଔଫର ଧନ ନେଇନେଲେ । ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଔଫ୍ ସୁଯୋଗ ଦେଖି ଖାଲିଦ୍ ବିନ୍ ହିଶ୍ଶାମ୍‌ର ବଧ କରି ନିଜ ପିତା ଔଫ୍‌ଙ୍କ ମୃତ୍ୟୁର ପ୍ରତିଶୋଧ ନେଇନେଲେ। କୁରୈଶ୍‌ମାନେ ମଧ୍ୟ ଉକ୍ତ ଘଟଣା ଯୋଗୁଁ କ୍ରୁଧାନ୍ୱିତ ଓ ଉତ୍‌କ୍ଷିପ୍ତ ହୋଇ ଉଠିଥିଲେ । ସେମାନେ ବନୁ ଯଜିମା ସଂପ୍ରଦାୟ ଉପେରେ ଆକ୍ରମଣ କରି ନିଜ ମୃତ ବ୍ୟକ୍ତିର ଏବଂ ଆର୍ଥିତ କ୍ଷୟକ୍ଷତିର ପ୍ରତିଶୋଧ ନେବାକୁ ଚାହିଁଲେ । ତେବେ ବନୁ ଯଜିମା ସଂପ୍ରଦାୟ କହିଲା, "ହେ କୁରୈଶ୍ ! ତୁମ ଲୋକଙ୍କର ହତ୍ୟା ଏକ ବ୍ୟକ୍ତିଗତ ଘଟଣା ଅଟେ । ତହିଁରେ ଆମ ଉଦ୍ଦେଶ୍ୟର ହାତ ନାହିଁ ଏବଂ ଆମମାନଙ୍କୁ ଏମାନଙ୍କ ସଂପର୍କରେ କିଛି ଜ୍ଞାତ ନଥିଲା । ଆମେମାନେ ମୃତକମାନଙ୍କର ଏବଂ ଆର୍ଥିକ କ୍ଷୟକ୍ଷତିର କ୍ଷତିପୂରଣ ତୁମକୁ ଦେଇଦେବୁ । କୁରୈଶ୍‌ମାନେ ଏମାନଙ୍କର କ୍ଷମାଯାଚନା ଏବଂ ପ୍ରସ୍ତାବକୁ ସ୍ୱୀକାର କରିନେଲେ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉକ୍ତ ଘଟଣାବଳୀଟି ସିରତ୍ ଇବ୍‌ନେ ହିଶ୍ଶାମ୍‌ରେ ବର୍ଣ୍ଣିତ ହୋଇଛି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ ଉପରୋକ୍ତ ଘଟଣାବଳୀର ଯେଉଁ କାରଣ ଓ ପୃଷ୍ଠଭୂମି ରହିଥିଲା, କାହିଁକି ଶତ୍ରୁତା ଥିଲା ? ଶତ୍ରୁତାର କାରଣ ସଂପର୍କରେ ଏହି ଘଟଣା ମଧ୍ୟ ଉଲ୍ଲେଖ କରାଯାଇଛି ଯେ, ଉକ୍ତ ଘଟଣାର କାରଣ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅ ହୋଇଥିଲେ । ସେହି କାରଣରୁ ସାହବାମାନେ ହ. ଖାଲିଦ୍ ର.ଅଙ୍କ ନିଷ୍ପତ୍ତି ଉପରେ ସନ୍ତୁଷ୍ଟ ନଥିଲେ । ସେ ଯାହା ହେଉ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅଙ୍କ ପକ୍ଷରୁ କୌଣସି ପ୍ରକାରର କ୍ଷମାଯାଚନାର ଆଳ କରାଯାଇପାରିବ ନାହିଁ କାରଣ ତାଙ୍କୁ କେବଳ ଇସ୍‌ଲାମ୍ ଧର୍ମ ଆଡ଼କୁ ଆମନ୍ତ୍ରିତ କରିବା ନିମନ୍ତେ ପ୍ରେରଣ କରାଯାଇଥିଲା । ଯହିଁରେ କୌଣସି ପ୍ରକାରର ବାଧ ବାଧକତା ଉଚିତ୍ ନଥିଲା ଏବଂ ସାହାବାମାନଙ୍କର ସଂଖ୍ୟାଗରିଷ୍ଠତା ସେମାନଙ୍କୁ ସୁପରାରମର୍ଶ ଦେଇଥିଲା । ଏହି ପରାମର୍ଶକୁ ଗ୍ରହଣ କରାଗଲା ନାହିଁ ଏବଂ ବନୁ ସୁଲୈମ୍ ସଂପ୍ରଦାୟକୁ ରାତାରାତି ନିଜର ବନ୍ଦୀମାନଙ୍କୁ ସଂହାର କରିବା ନିମନ୍ତେ ସୁଯୋଗ ମିଳିଗଲା ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଇବ୍‌ନେ ଇସ୍‌ହାକ୍‌ଙ୍କ ବର୍ଣ୍ଣନାରେ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅଙ୍କ ଏହି ଦୋଷ ଉଲ୍ଲେଖ କରାଯାଇଛି ଯେ, ସେ ଅର୍ଥାତ୍ ଖାଲିଦ୍ ବିନ୍ ୱଲିଦ୍ ର.ଅ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିବାରେ ଲୋକମାନଙ୍କୁ ପ୍ରତ୍ୟାଖ୍ୟାନ କରୁଥିବାର ଦେଖି ହ. ଅବ୍‌ଦୁଲ୍ଲାଃ ବିନ୍ ହୁଜାଫା ସହ୍‌ମିଙ୍କ ପରାମର୍ଶ କ୍ରମେ ସେମାନଙ୍କ ସହିତ ଯୁଦ୍ଧ କଲେ । ଏଥି ସଂକ୍ରାନ୍ତରେ ଇବ୍‌ନେ ଇସ୍‌ହାକ୍‌ଙ୍କର ଏହି ଶବ୍ଦ ରହିଛି "କେତେକ ଲୋକ ଯେଉଁମାନେ ହ. ଖାଲିଦ୍ ର.ଅଙ୍କୁ ଉକ୍ତ ହତ୍ୟାକାଣ୍ଡ ଯୋଗୁଁ ଦୋଷୀ ବୋଲି ବିବେଚିତ କରନ୍ତି ସେମାନଙ୍କର ଏହି କଥନ ରହିଛି ଯେ, ଅବ୍‌ଦୁଲ୍ଲାଃ ବିନ୍ ହୁଜାଫ୍ ସହମି ଆପଣଙ୍କୁ କହିଥିଲେ ଯେ, ରସୁଲୁଲ୍ଲାଃ ସ.ଅ ହ. ଖାଲିଦ୍ ର.ଅଙ୍କୁ ଏହି ଆଦେଶ ଦେଇଥିଲେ ଯେ, ଏହି ଲୋକମାନେ ଯଦି ଇସ୍‌ଲାମ୍ ଧର୍ମ ସ୍ୱୀକାର କରିବାକୁ ମନା କରନ୍ତି ତେବେ ସେପରିପ୍ରେକ୍ଷୀରେ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅ ସେମାନଙ୍କୁ ବଧ କରିଦେବେ । ଉକ୍ତ ଦୋଷ ଆଦୌ ସଠିକ୍ ନୁହେଁ । କାରଣ ସୈନ୍ୟବାହିନୀର ସେନାପତି ହ. ଖାଲିଦ୍ ବିନ୍ ୱଲିଦ୍ ର.ଅ ହିଁ ଥିଲେ । ଅବ୍‌ଦୁଲ୍ଲାଃ ବିନ୍ ହୁଜାଫା ସହ୍‌ମି ସୈନ୍ୟବାହିନୀର ସେନାପତି ନଥିଲେ । ଅତଏବ୍ ତ୍ରୁଟି ଜାଣିଶୁଣି ହୋଇଛି ଅବା ଅର୍ଥକୁ ନବୁଝିବା ଯୋଗୁଁ ହୋଇଛି ହେଲେ ସୈନ୍ୟବାହିନୀର ସେନାପତି ଉକ୍ତ ତ୍ରୁଟିର ଦୋଷୀ ଥିଲେ । ବିଶେଷ କରି ସେତେବେଳେ ଯେତେବେଳେ ଆଁହଜରତ ସ.ଅ ତଦନ୍ତ କରିବା ପରେ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅଙ୍କ ଉପରେ ଗଭୀର ଭାବରେ ଅସନ୍ତୁଷ୍ଟ ଏବଂ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅଙ୍କୁ ଠାରୁ ଦୋଷମୁକ୍ତ ଭାବର ଘୋଷଣା କଲେ ସେତେବେଳେ ଆମମାନଙ୍କୁ ଆଁହଜରତ ସ.ଅଙ୍କ ନିଷ୍ପତ୍ତିକୁ ସ୍ୱୀକାର କରିବା ଉଚିତ୍ । ଉକ୍ତ ଘଟଣାଟି କୌଣସି ସାଧାରଣ ଘଟଣା ନଥିଲା । ବରଂ ଆଁହଜରତ ସ.ଅଙ୍କ ନିଷ୍ପତ୍ତି ପରେ କୌଣସି ଦୋଷ ତ୍ରୁଟି ଖୋଜିବା ଅର୍ଥାତ୍ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅ ଠିକ୍ କରିଛନ୍ତି ନା ଭୁଲ୍ କରିଛନ୍ତି । ଆଁହଜରତ ସ.ଅ କହିଲେ, ହେ ଖାଲିଦ୍ ! ତୁମେ ଯାହା କଲା ତାହା ଭୁଲ୍ କଲ ଏବଂ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅଙ୍କ ପ୍ରତି ଆପଣ ସ.ଅ ବିମୁଖ ତଥା ଅନାସକ୍ତ ଭାବ ପ୍ରଦର୍ଶ କଲେ । ଆମାମନଙ୍କ ନିମନ୍ତେ ଏତିକି ହିଁ ଯଥେଷ୍ଟ ଅଟେ । ସେ ଯାହା ହେଉ ଯଦି ଆମେ ଦୋଷା ଦୁର୍ବଳତା ଖୋଜିବୁ ତେବେ ତହିଁରୁ ଇସ୍‌ଲାମ୍ ଧର୍ମର ସ୍ୱାଧୀନତା ସଂକ୍ରାନ୍ତୀୟ ଯେଉଁ ନୈତିକ ଶିକ୍ଷା ରହିଛି ସେହି ଶିକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥାଏ । ଆଁହଜରତ ସ.ଅ ତ' ଯୁଦ୍ଧ କରୁଥିବା ଲୋକମାନଙ୍କ ସହିତ ଯୁଦ୍ଧ କରିବା ନିମନ୍ତେ ଅନୁମତି ପ୍ରଦାନ କରିଛନ୍ତି ଏବଂ ଇସ୍‌ଲାମ୍ ଧର୍ମର ତବ୍‌ଲିଗ୍ କରିବାରେ କୋମଳତା ପ୍ରଦର୍ଶନ କରିବା ଏବଂ ନମନୀୟତା ପନ୍ଥା ଆବଲମ୍ବନ କରିବାକୁ ଆଦେଶ ଦେଇଛନ୍ତି । ଆଁହଜରତ ସ.ଅ ମକ୍କା ବିଜୟ ପରେ ଅସଂଖ୍ୟ ଅଭିଯାନ ଇସ୍‌ଲାମ୍ ଧର୍ମ ଆଡ଼କୁ ଆମନ୍ତ୍ରଣ ଉଦ୍ଦେଶ୍ୟରେ ଆରବର ବିଭିନ୍ନ ସଂପ୍ରଦାୟ ଆଡ଼କୁ ସୈନ୍ୟବାହିନୀ ପ୍ରେରଣ କରିଥିଲେ ଏବଂ ସୈନ୍ୟବାହିନୀର ସେନାପତିମାନଙ୍କୁ ସ୍ୱଷ୍ଟ ନିର୍ଦ୍ଦେଶ ଦେଇଥିଲେ ଯୁଦ୍ଧରୁ ଯଥା ସମ୍ଭବ ବର୍ତ୍ତିବା ନିମନ୍ତେ ପ୍ରୟାସ କରାଯାଉ । ମୁଗାଜି ନାମକ ପୁସ୍ତକ ଓ ଇତିହାସରେ ସ୍ୱଷ୍ଟ ଭାବରେ ଉଲ୍ଲେଖ ରହିଛି ଯେ, ଏହି ପ୍ରତନିଧି ଦଳ ଇସ୍‌ଲାମ୍ ଧର୍ମର ପ୍ରଚାର ପ୍ରସାର ଓ ଲୋକମାନଙ୍କୁ ଇସ୍‌ଲାମ୍ ଧର୍ମ ଆଡ଼କୁ ଆମନ୍ତ୍ରିତ କରିବା ନିମନ୍ତେ ପ୍ରେରଣ କରାଯାଇଥିଲା । ଏଥି ସଂକ୍ରାନ୍ତରେ ସିରତ୍ ଇବ୍‌ନେ ହିଶ୍ଶାମ୍‌ରେ ଏବଂ ତବ୍‌କାତ୍ ଇବ୍‌ନେ ସାଆଦ୍‌ଙ୍କ କଥନର ଚର୍ଚ୍ଚା ହୋଇ ସାରିଛି । ଅଲ୍ଲାମା ତବ୍ରୀ ମଧ୍ୟ ଏହିପରି ବାକ୍ୟ ତଥା ଶବ୍ଦ ବ୍ୟାଖ୍ୟା କରିଛନ୍ତି ଯେ, ରସୁଲୁଲ୍ଲାଃ ସ.ଅ ମକ୍କାର ଚତୁର୍ପାର୍ଶ୍ୱରେ ସୈନ୍ୟବାହିନୀ ପ୍ରେରଣ କଲେ। କାରଣ ସେହି ସୈନ୍ୟବାହିନୀ ଲୋକମାନଙ୍କୁ ପିତୁଳା ପୂଜା, ଠାକୁର ପୂଜାରୁ ମୁକ୍ତ କରାଇ ଅଲ୍ଲାଃତାଲାଙ୍କ ଉପାସନା ନିମନ୍ତେ ଆମନ୍ତ୍ରିତ (ଡାକନ୍ତୁ) କରନ୍ତୁ ଓ ସେହି ସୈନ୍ୟବାହିନୀକୁ ଯୁଦ୍ଧ କରିବା ନିମନ୍ତେ କଦାପି ଅନୁମତି ପ୍ରଦାନ କରାଯାଇ ନଥିଲା।"

ହୁଜୁର୍ ଅନ୍‌ୱର୍ ଅ.ବ କହିଲ, ସେ ଯାହା ହେଉ ଆଜିକାଲି ଯେଉଁ କ୍ରୂରତାବାଦୀ ମୌଲବୀ ତଥା ମୌଳବାଦୀମାନେ ରହିଛନ୍ତି ସେମାନେ ଏହିସବୁ ପ୍ରସଙ୍ଗକୁ ଆଧାର କରି ଏହାକୁ ପ୍ରମାଣ ରୂପେ ଗ୍ରହଣ କରି ହତ୍ୟା କରିବା ଏବଂ ଲଢିବା ନିମନ୍ତେ ଯେଉଁ ଔଚିତ୍ୟ ପନ୍ଥା ବାହାର କରିଛନ୍ତି ତାହା ଆଦୌ ଠିକ୍ ଓ ସମୀଚୀନ ନୁହେଁ । କିନ୍ତୁ ଆଁହଜରତ ସ.ଅଙ୍କ ସ୍ୱଷ୍ଟ ଶିକ୍ଷା ରହିଛି ଯେ, ଯଦି ପ୍ରତିପକ୍ଷ ତୁମ ସହିତ ଯୁଦ୍ଧ କରୁ ନାହିଁ ତେବେ ତୁମେମାନେ ମଧ୍ୟ ତା' ସହିତ ଯୁଦ୍ଧ କର ନାହିଁ । ଏହା ଅପରାଧ ଅଟେ ।

ହୁଜର ଅନ୍‌ୱର୍ ଅ.ବ କହିଲେ, ଇମାମ୍ ବୁଖାରୀର ଉପରୋକ୍ତ ବର୍ଣ୍ଣନାରୁ ମଧ୍ୟ ଉକ୍ତ କଥାର ପୁଷ୍ଟି ହୁଏ ଯେ, ହ. ଖାଲିଦ୍ ବିନ୍ ୱଲିଦ୍ ର.ଅଙ୍କୁ ଇସ୍‌ଲାମ୍ ଧର୍ମର ସନ୍ଦେଶ ନେଇ ଲୋକମାନଙ୍କୁ ଇସଲାମ୍ ଧର୍ମ ଆଡ଼କୁ ଆମନ୍ତ୍ରିତ କରିବା ନିମନ୍ତେ ବନୁ ଯଜିମା ଅଭିମୁଖେ ପ୍ରେରଣ କରାଯାଇଥିଲା । فَدَعَاهُمْ إِلَى الْإِسْلَامِ ଅର୍ଥାତ୍ ଆଁହଜରତ

**ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-**

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ସ.ଅଙ୍କ ଆଦେଶ ପାଳନ କରିବାକୁ ଯାଇ ହ. ଖାଲିଦ୍ ର.ଅ ସେହି ଲୋକମାନଙ୍କୁ ଇସଲାମ୍ ଧର୍ମର ବାର୍ତ୍ତା ଦେଲେ ଏବଂ ସେମାନଙ୍କୁ ଇସ୍ଲାମ୍ ଧର୍ମ ଆଡ଼କୁ ଆମନ୍ତ୍ରିତ କଲେ । ସେହି ଲୋକମାନେ ଭଲ ଭାବରେ ଏହା କହିପାରିଲେ ନାହିଁ ଯେ, ଆମେମାନେ ଇସ୍ଲାମ୍ ଧର୍ମ ସ୍ୱୀକାର କରି ନେଇଛୁ । ସେମାନେ ଘାବ୍ରେଇ ଏହା କହିବାକୁ ଲାଗିଲେ ଯେ, ଆମେମାନେ ନିଜର ଧର୍ମ ପରିବର୍ତ୍ତନ କରିଦେଇଛୁ । ଉକ୍ତ ବାକ୍ୟର ସଂପର୍କ ସମସ୍ତ ସଂପ୍ରଦାୟ ସହିତ ନଥିଲା । କାରଣ ସେମାନଙ୍କ ମଧ୍ୟରୁ ଅନେକ ବ୍ୟକ୍ତିମାନେ ପୂର୍ବେ କେବଳ ମୁସଲମାନେ ହୋଇ ସାରି ନଥିଲେ ବରଂ ସେମାନଙ୍କ ସଂପର୍କ ଏକ ବିଶେଷ ବଂଶ ସହିତ ଥିଲା । ସେମାନଙ୍କୁ ଏହି ଆଶଙ୍କ ରହିଥିଲା ଯେ, ସେମାନଙ୍କ ଠାରୁ ପ୍ରତିଶୋଧ ନିଆଯିବ । ତେଣୁ ସେମାନେ ଅସ୍ତ୍ରଶସ୍ତ୍ର ଦ୍ୱାରା ସଜ୍ଜିତ ହୋଇ ଲଢ଼ିବାକୁ ଲାଗିଲେ । ଯୁଦ୍ଧରେ ସେମାନେ ଯେତେବେଳେ ପରାଜୟ ହେଉଥିବାର ଦେଖିଲେ ସେତେବେଳେ ସେମାନେ ସବାନା ସବାନା କରି ଇସ୍ଲାମ୍ ଧର୍ମର ପରିପ୍ରକାଶ କଲେ । ଇମାମ୍ ବୁଖାରୀଙ୍କ ବର୍ଣ୍ଣନାରେ ଅତ୍ୟନ୍ତ ସଂକ୍ଷିପ୍ତତା ରହିଛି ଏବଂ ସେ ସେହି ବର୍ଣ୍ଣନା ସ୍ୱୀକାର କରିଛନ୍ତି ଯାହା ତାଙ୍କ ସ୍ତର ଓ ମର୍ଯ୍ୟାଦା ଅନୁକୁଳ ଅଟେ । ଜହ୍ଦମ୍ ନିଜର ଲୋକମାନଙ୍କୁ ପରାମର୍ଶ ଦେଇଥିଲା ଯେ, ତୁମେମାନେ ଅସ୍ତ୍ରଶସ୍ତ୍ର ପକାଇବ ନାହିଁ । ଅର୍ଥାତ୍ ଆତ୍ମସମର୍ପଣ କରିବ ନାହିଁ । ବରଂ ମୁକାବିଲା କର, ତହିଁରୁ ଏହା ଜଣେପଡ଼େ ଯେ, ଜହ୍ଦମ୍ ପୂର୍ବ ରକ୍ତପାତ ଯୋଗୁଁ ତା' ମନରେ ଆଶଙ୍କା ତଥା ଭୟ ରହିଥିଲା । ଇବ୍ନେ ଇସ୍ହାକ୍ଙ୍କ ପୂର୍ବ ବର୍ଣ୍ଣନାରେ ତା'ର ଏହି ଶବ୍ଦ ଉଲ୍ଲିଖିତ କରାଯାଇଛି ଯେ, ହେ ବନୁ ଯଜିମା ! ତୁମେମାନେ ଏକଥା ମନେରଖ ଯେ, ଏ ହେଉଛି ଖାଲିଦ୍ ବିନ୍ ୱଲିଦ୍ । ଅସ୍ତ୍ରଶସ୍ତ୍ର ତଳେ ରଖିବା ପରେ ଅର୍ଥାତ୍ ଆତ୍ମସମର୍ପଣ କରିବା ପରେ ତୁମମାନଙ୍କୁ ବନ୍ଦୀ କରିନିଆଯିବ । ତତ୍ପରେ ତୁମମାନଙ୍କର ସ୍କନ୍ଧଚ୍ୟୁତ ହେବ । ସେହି ଜାତିର କେତେକ ଲୋକମାନେ ଜହ୍ଦମ୍କୁ ଧରି ପକାଇଲେ ଏବଂ କହିଲେ, ହେ ଜହ୍ଦମ୍ ! ତୁମେ ରକ୍ତପାତ ଚାହୁଁଛ । ଲୋକମାନେ ତ' ମୁସଲମାନ ହୋଇ ସାରିଛନ୍ତି ଏବଂ ସେମାନେ ଆତ୍ମ ସମର୍ପଣ କରି ଦେଇଛନ୍ତି । ଯୁଦ୍ଧ ସମାପ୍ତ ହୋଇଯାଇଛି ଏବଂ ବର୍ତ୍ତମାନ ଶାନ୍ତି ରହିଛି । ଲୋକମାନେ ଜହ୍ଦମ୍କୁ ବୁଝାଇ ଚାଲିଲେ ଓ ତା' ଠାରୁ ଅସ୍ତ୍ରଶସ୍ତ୍ର ନେଇନେଲେ । ହ. ଖାଲିଦ୍ ବିନ୍ ୱଲିଦ୍ ର.ଅଙ୍କ କହିବାନୁଯାୟୀ ଅନ୍ୟ ଲୋକମାନେ ମଧ୍ୟ ଆତ୍ମସମର୍ପଣ କରିଦେଲେ । ହୁଜୁର ଅନ୍ୱର୍ ଅ.ବ କହିଲେ, ଉକ୍ତ ବର୍ଣ୍ଣନାଟି ସିରତ୍ ଇବ୍ନେ ହିଶ୍ଶାମ୍ରେ ଏହିପରି ବର୍ଣ୍ଣିତ ହୋଇଛି ।

ହୁଜୁର ଅନ୍ୱର୍ ଅ.ବ କହିଲେ, ଉକ୍ତ ବର୍ଣ୍ଣନାରୁ ଏହା ପ୍ରକାଶ୍ୟ ଯେ, ଜହ୍ଦମ୍ର ଆଶଙ୍କା ଅକାରଣରେ ନଥିଲା । ଏହା ଜ୍ଞାତ ହୁଏ ଯେ, ସାହାବାମାନେ ସଂପ୍ରଦାୟର ନବଦୀକ୍ଷିତ ମୁସଲମାନମାନଙ୍କୁ ଇସ୍ଲାମ୍ ଧର୍ମର ଶିକ୍ଷା ଦେବା ଉଦ୍ଦେଶ୍ୟରେ ସେଠାରେ କିଛି କାଳ ଅବସ୍ଥାନ କରିଛନ୍ତି । ଯେପରିକି ବର୍ଣ୍ଣନାର ଶବ୍ଦ حَتّٰٓى اِذَا كَانَ يَوْمٌ أَمَرَ خَالِدٌ ରୁ ସୂଚନା ମିଳେ ଏବଂ ଅବସ୍ଥାନ ସମୟରେ ଅପ୍ରୀତିକର ପରିସ୍ଥିତ ସୃଷ୍ଟି ହୋଇଥିଲା । ଯଦ୍ଦ୍ୱାରାକି ସଂପ୍ରଦାୟର କେତେକ ଲୋକମାନଙ୍କ ସହିତ ଯୁଦ୍ଧ ହେଲା ଓ ପରାଜିତ ହେବା ପରେ ସେହି ଲୋକମାନେ ଅର୍ଥାତ୍ ନବଦୀକ୍ଷିତ ମୁସଲମାନମାନେ ବନ୍ଦୀ ହେଲେ ଏବଂ ଯେତେବେଳେ ଏହି ବନ୍ଦୀମାନଙ୍କୁ ମୁଜାହିଦିନ୍ (ସଂଗ୍ରାମକାରୀ) ଙ୍କୁ ହସ୍ତାନ୍ତର କରାଗଲା ସେତେବେଳେ ଏହା ଅସମ୍ଭବ ନୁହେଁ ଯେ, କେତେକ ବ୍ୟକ୍ତିମାନଙ୍କୁ ନିଜର ପୁରୁଣା ବିଦ୍ୱେଷ ତଥା ଶତ୍ରୁତା ପ୍ରଦର୍ଶନ କରିବାର ସୁଯୋଗ ମିଳିଗଲା । ତେଣୁ ସେମାନେ ଜହ୍ଦମ୍କୁ ହତ୍ୟା କରିଦେଲେ ।

ଇବ୍ନେ ହିଶ୍ଶାମ୍ ଏଥି ସଂକ୍ରାନ୍ତରେ ଇବ୍ରାହିମ୍ ବିନ୍ ଜାଫର୍ ମହମୁଦୀଙ୍କ ସନନ୍ଦ (ପ୍ରମାଣ)ରୁ ଆଁହଜରତ ସ.ଅଙ୍କ ସ୍ୱପ୍ନ ଏବଂ ହ. ଅବୁ ବକ୍କର୍ ର.ଅଙ୍କ ସ୍ୱପ୍ନାର୍ଥର ଚର୍ଚ୍ଚା ମଧ୍ୟ କରିଛନ୍ତି। ଉକ୍ତ ଚର୍ଚ୍ଚା ମୁଁ ପୂର୍ବେ ବର୍ଣ୍ଣନା କରି ସାରିଛି ଯେ, ଆପଣ ସ.ଅ ଖଜୁରୀ, ଛତୁଆ ଓ ମାଲିଦା (ଏକ ପ୍ରକାରର ଚୂର୍ଣ୍ଣ ହୋଇଥିବା ଖାଦ୍ୟପଦାର୍ଥ) ଆଦି ଆହାରରୁ କିଛି ଗୁଳା ସେବନ କଲେ। ଏହି ଖାଦ୍ୟଗୁଡ଼ିକ ଅତ୍ୟନ୍ତ ସ୍ୱାଦିଷ୍ଟ ଥିଲା । କିନ୍ତୁ ଶେଷ ଗୁଳା ତଣ୍ଟିରେ ଲାଖିଗଲା । ହ. ଅଲୀ ର.ଅ ଆପଣ ସ.ଅଙ୍କ ତଣ୍ଟିରେ ହାତ ପୂରାଇ ଉକ୍ତ ଲାଖିଥିବା ଗୁଳା ବାହାର କଲେ । ହ. ଅବୁ ବକ୍କର ସିଦ୍ଦିକ୍ ର.ଅ ଉକ୍ତ ସ୍ୱପ୍ନର ଏହି ଅର୍ଥ କରି ଆଁହଜରତ ସ.ଅଙ୍କୁ କହିଲେ ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ଉକ୍ତ ସ୍ୱପ୍ନର ଅର୍ଥ ଏତିକି ଯେ, ଉକ୍ତ ସ୍ୱପ୍ନର ସଂପର୍କ ପ୍ରଚାରିକ ପ୍ରତିନିଧିଦଳ ସହିତ ରହିଛି । ହ. ଅବୁ ବକ୍କର ର.ଅ ଆଁହଜରତ ସ.ଅଙ୍କୁ ଏହି ପରାମର୍ଶ ଦେଲେ ଯେ, ହ. ଅଲୀ ର.ଅଙ୍କୁ ପ୍ରେରଣ କରାଯାଉ । କାରଣ ସେ ଖାଲିଦ୍ ବିନ୍ ୱଲିଦ୍ ର.ଅଙ୍କ ତ୍ରୁଟିକୁ ସୁଧାରନ୍ତୁ । ଉକ୍ତ ସ୍ୱପ୍ନରୁ ଏହା ଜ୍ଞାତ ହୁଏ ଯେ, ଉକ୍ତ ଘଟଣାର ସଂପର୍କ ଯଜିମା ସଂପ୍ରଦାୟର ଏକ ସୀମିତ ଅଂଶ ସହିତ ରହିଛି ଓ ବିଶେଷ ବନ୍ଦୀମାନଙ୍କର ସହିତ ଉକ୍ତ ଘଟଣାର ସଂପର୍କ ରହିଥିଲା। ଘଟଣା ଏପରି ନଥିଲା ଯେ, ସମସ୍ତ ବନ୍ଦୀମାନଙ୍କୁ କେବଳ ସବାନା କହିଦେବା ଦ୍ୱାରା ସଂହାର କରିଦିଆ ଯାଇଥିଲା । ଏହି ଲୋକମାନେ ପ୍ରକୃତରେ ଇସ୍ଲାମ୍ ଧର୍ମରେ ପ୍ରବିଷ୍ଟ ହୋଇ ନଥିଲେ । ଏମାନଙ୍କ ମସ୍ତିଷ୍କରେ ପୂର୍ବ ପ୍ରତିଶୋଧର ଭୟ ଓ ନୈରାଶ୍ୟ ଏତେ ପ୍ରଭାବ ବିସ୍ତାର କରିଥିଲା ଯେ, ସେମାନେ ନିଜକୁ ରକ୍ଷା କରିବାକୁ ଯାଇ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅ ଓ ତାଙ୍କ ସୈନ୍ୟବାହିନୀ ସହିତ ଲଢ଼ିବାକୁ ଲାଗିଲେ । ସୁଲୈମ୍ ବିନ୍ ମନ୍ସୁର୍ ଏବଂ ମୁଦ୍ଲଜ୍ ବିନ୍ ମୁର୍ରାହ୍ର କେତେକ ସଦସ୍ୟମାନେ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅଙ୍କ ସୈନ୍ୟବାହିନୀରେ ସାମିଲ୍ ଥିଲେ ସେମାନଙ୍କ ମନରେ ପ୍ରତିଶୋଧ ନେବାର ଇଚ୍ଛା ରହିଥିଲା । ତେଣୁ ସୁଲୈମ୍ ସଂପ୍ରଦାୟର ସଦସ୍ୟମାନେ ହିଁ ହେଉଛନ୍ତି ସେହି ଲୋକ ଯେଉଁମାନେ ନିଜର ବନ୍ଦୀମାନଙ୍କୁ ରାତ୍ର ସମୟରେ ହତ୍ୟା କରି ନିଜର ପ୍ରତିଶୋଧ ପୂରଣ କଲେ । ପ୍ରବାସକାରୀ ଏବଂ ଅନ୍ସାରମାନଙ୍କ ମଧ୍ୟରେ କେହି ବି ନିଜର ବନ୍ଦୀମାନଙ୍କୁ ସଂହାର କଲେ ନାହିଁ । ବରଂ ସେମାନଙ୍କୁ ସ୍ୱାଧୀନ କରି ଆଁହଜରତ ସ.ଅଙ୍କ ଆଦେଶ ଏବଂ ଆପଣ ସ.ଅଙ୍କ ଆଦର୍ଶ ଉପରେ କାର୍ଯ୍ୟାନୁସରଣ କଲେ। **(ସହିହୁଲ୍ ବୁଖାରୀ, ଅନୁବାଦ ଓ ବ୍ୟାଖ୍ୟା, ଲେଖକ-ସୟେଦ୍ ଜୈନୁଲ୍ ଆବିଦିନ୍ ୱଲିଉଲ୍ଲା ଶାହ୍ ସାହେବ, ଭାଗ-9,ପୃ-193-199ରୁ ଉଦ୍ଧୃତ)**

ହୁଜୁର ଅନ୍ୱର୍ ଅ.ବ କହିଲେ, ବୁଖାରୀର ଉକ୍ତ ବ୍ୟାଖ୍ୟା ହ. ୱଲିଉଲ୍ଲା ଶାହ୍ ସାହେବ ଉଲ୍ଲେଖ କରିଛନ୍ତି ଏବଂ ଆପଣ ଏତଦ୍ପରେ ଅତିରିକ୍ତ ଜ୍ଞାନଭିତ୍ତିକ ନୋଟ୍ ମଧ୍ୟ ଉଲ୍ଲେଖ କରିଛନ୍ତି । ତହିଁରୁ ଏହା ସ୍ପଷ୍ଟ ରୂପେ ପ୍ରକାଶିତ ହୋଇଯାଏ ଯେ, ହ. ଖାଲିଦ୍ ବିନ୍ ୱଲିଦ୍ ର.ଅଙ୍କ କୌଣସି ମନ୍ଦଉଦ୍ଦେଶ୍ୟ ତହିଁରେ ସାମିଲ୍ ନଥିଲା । ତାଙ୍କ ଦ୍ୱାରା ଏକ ଉଦ୍ୟମଜନିତ ତ୍ରୁଟି ହୋଇଛି ଏବଂ ଆତୁରପଣରେ ସେ ଏକ ଭୁଲ୍ ନିଷ୍ପତ୍ତି ନେଲେ ଓ ପରବର୍ତ୍ତୀ ସମୟରେ ସେନାପତି ହିସାବରେ ଯେଉଁ ସ୍ଥିତି ହେଲା ତାହା ପାଇଁ ସେ ହିଁ ଦାୟୀ ରହିଥିଲେ । ଏହି କାରଣରୁ ଆଁହଜରତ ସ.ଅ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅଙ୍କ ଉପରେ ରୁଷ୍ଟ ମଧ୍ୟ ହେଲେ ଏବଂ ଈଶ୍ୱରଙ୍କ ସମ୍ମୁଖରେ ନିଜର ଦୋଷମୁକ୍ତ ଓ ବିମୁଖ ଭାବ ମଧ୍ୟ ପରିପ୍ରକାଶ କଲେ ।

ଯେତେବେଳେ ଆପଣ ସ.ଅ ସମସ୍ତ ପ୍ରସଙ୍ଗର ତଦନ୍ତ କଲେ ସେତେବେଳେ ଉକ୍ତ କଥା ପ୍ରମାଣିତ ହେଲା ଯେ, କୌଣସି ଭ୍ରମ ଯୋଗୁଁ ଏହି ସଂହାର ଘଟଣା ହୋଇଛି ତେବେ ଆପଣ ସ.ଅ ପ୍ରତିଶୋଧ ବଦଳରେ ଦିୟତ ଦେବା ନିମନ୍ତେ ନିଷ୍ପତ୍ତି ନେଲେ । ହ. ଖାଲିଦ୍ ବିନ୍ ୱଲିଦ୍ ର.ଅଙ୍କ ନିବେଦନ ଓ କ୍ଷମାଯାଚନା ଉପସ୍ଥାପିତ କରିବା ପରେ ନବୀ କରୀମ୍ ସ.ଅ ହ.ଖାଲିଦ୍ ବିନ୍ ୱଲିଦ୍ ର.ଅଙ୍କୁ କେବଳ କ୍ଷମା କିରଦେଲେ ନାହିଁ ବରଂ ଆପଣ କିଛି ଦିନ ପରେ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅଙ୍କୁ ହୁନୈନ୍ ଯୁଦ୍ଧ ନିମନ୍ତେ ପ୍ରସ୍ତୁତ ସୈନ୍ୟବାହିନୀର ଅଗ୍ରଭାଗ ଏବଂ ଅଶ୍ୱରୋହୀଙ୍କର ନିରୀକ୍ଷକ ଓ ସେନାପତି ଭାବରେ ନିଯୁକ୍ତ କଲେ । **(ଅଲ୍ ଲୁ ଲୁଉଲ୍ ମକ୍ନୁନ୍, ଜୀବନୀ ଶବ୍ଦକୋଷ, ଭାଗ-9, ପୃ-212-224, ଦାରୁସ୍ ସଲାମ୍ରୁ ଉଦ୍ଧୃତ) (ହୁନୈନ୍ ଯୁଦ୍ଧ, ଲେଖକ-ମୁହମ୍ମଦ ବାଶମିଲ୍, ପୃ--48, ନଫିସ୍ ଏକାଡ଼େମୀ, କରାଚୀ)**

ଅତଏବ୍ ଯଦି ଆଁହଜରତ ସ.ଅ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅଙ୍କ ଉପରେ ରୁଷ୍ଟ ଥିଲେ ତେବେ ଆପଣ ସ.ଅ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅଙ୍କୁ ସୈନ୍ୟବାହିନୀର ସେନାପତି ରୂପେ ନିଯୁକ୍ତ କରି ନଥାଆନ୍ତେ । କିନ୍ତୁ ଆପଣ ସ.ଅ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅଙ୍କୁ ସୈନ୍ୟବାହିନୀର ସେନାପତି ନିଯୁକ୍ତ କଲେ । ଏତଦ୍ଭିନ୍ନ ଅନ୍ୟ ଯୁଦ୍ଧର ଚର୍ଚ୍ଚା ମଧ୍ୟ ସଂକ୍ଷିପ୍ତ ଚର୍ଚ୍ଚା ମିଳିଥାଏ ।

ହୁଜୁର ଅନ୍ୱର୍ ଅ.ବ କହିଲେ, ପୁନଶ୍ଚ ଆଉ ଏକ ସରିୟା (ଯୁଦ୍ଧ) ରହିଛି ଯାହାର ନାମ ହେଲା ୟଲମ୍ଲମ୍ । ଆଁହଜରତ ସ.ଅ ଉକ୍ତ ଯୁଦ୍ଧର ନେତୃତ୍ୱ ହ. ହିଶ୍ଶାମ୍ ବିନ୍ ଆସ୍ ର.ଅଙ୍କୁ ପ୍ରଦାନ କରିଥିଲେ । ହ. ହିଶ୍ଶାମ ବିନ୍ ଆସ୍ଙ୍କ ନେତୃତ୍ୱରେ ଆଁହଜରତ ସ.ଅ 200 ଜଣ ସଦସ୍ୟ ବିଶିଷ୍ଟ ସୈନ୍ୟବାହିନୀ ମକ୍କାର ଦକ୍ଷିଣପୂର୍ବ ଦିଗରେ ଅବସ୍ଥିତ ୟଲମ୍ଲମ୍ ଆଡ଼କୁ ପ୍ରେରଣ କଲେ । ୟଲମ୍ଲମ୍ ତାଏଫ୍ ଏବଂ ମକ୍କାର ମଧ୍ୟବର୍ତ୍ତୀ ସ୍ଥାନ ଏବଂ ଦୁଇ ରାତ୍ରର ବ୍ୟବଧାନରେ ଅବସ୍ଥିତ ଅଟେ ।

ହୁଜୁର ଅନ୍ୱର୍ ଅ.ବ କହିଲେ, ପୁନଶ୍ଚ ଆଉ ଏକ ସରିୟା (ଯୁଦ୍ଧ) ରହିଛି ଯାହାର ନାମ ହେଲା ସରିୟା ଉର୍ନା । ଉର୍ନା ହେଉଛି ଅରଫାତ୍ର ସମ୍ମୁଖରେ ଅବସ୍ଥିତ ଏକ ଉପତ୍ୟକା । ଏଥି ସଂକ୍ରାନ୍ତରେ ବର୍ଣ୍ଣନା କରାଯାଏ ଯେ, ନବୀ କରୀମ୍ ସ.ଅ ହ. ଖାଲିଦ୍ ବିନ୍ ସଇଦ୍ ବିନ୍ ଆସ୍ ର.ଅଙ୍କୁ 300ଜଣ ସଦସ୍ୟ ବିଶିଷ୍ଟ ସୈନ୍ୟବାହିନୀର ସେନାପତି ରୂପେ ନିଯୁକ୍ତ କରି ଉର୍ନା ଆଡ଼କୁ ପ୍ରେରଣ କରିଥିଲେ । ସେ ଯାହା ହେଉ ଉକ୍ତ ସରିୟାର ଚର୍ଚ୍ଚା ମୁହମ୍ମଦ ବିନ୍ ଅମ୍ର ୱାକିଦି ଚର୍ଚ୍ଚା କରିଛନ୍ତି । ଏତଦ୍ଭିନ୍ନ ଅନ୍ୟ କୌଣସି ପ୍ରସିଦ୍ଧ ଜିବୀନୀଲେଖାଳୀ ଉକ୍ତ ଯୁଦ୍ଧ ସଂପର୍କରେ ବର୍ଣ୍ଣନା କରି ନାହାନ୍ତି । ତେଣୁ ଏହା ବିଚାର ଯୋଗ୍ୟ ଯେ, ଉକ୍ତ ବର୍ଣ୍ଣନାଟି ସଠିକ୍ ଅଟେ ଅବା ନୁହେଁ । ସେହିପରି ଏହାର (ଯୁଦ୍ଧର) ଅତିରିକ୍ତ କୌଣସି ବର୍ଣ୍ଣନା ମଧ୍ୟ ଦେଖିବାକୁ ମିଳେ ନାହିଁ । ହେଲେ ଜଣେ ଜୀବନୀକାର

**ଅଲ୍ଲାଃତାଲାଙ୍କ ବାଣୀ**

**ଅଲ୍ଲାଃତାଲା କୁହନ୍ତି:** وَمَا خَلَقْتُ الْجِنَّ وَالْاِنْسَ اِلَّا لِيَعْبُدُوْنِ

(ଅଜ୍ ଜାରିୟାତ୍: 57)

**ଅନୁବାଦ: ଏବଂ ଆମ୍ଭେ ଜିନ୍ନ ଓ ଇନସକୁ ନିଜର ଉପାସନା ସକାଶେ ସୃଷ୍ଟି କରିଅଛୁ ।**

**ତାଲିବେ ଦୁଆ:** Akhtara Begum & Family,
B.D.A, Bhubaneshwar (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

**ଅଲ୍ଲାଃତାଲା କୁହନ୍ତି:** وَذَكِّرْ فَاِنَّ الذِّكْرٰى تَنْفَعُ الْمُؤْمِنِيْنَ

(ଅଜ୍ ଜାରିୟାତ୍: 56)

**ଅନୁବାଦ:ଏବଂ ସ୍ମରଣ କରାଉ ଥାଅ, କାରଣ ସ୍ମରଣ କରାଇବା ବିଶ୍ୱାସକାରୀମାନଙ୍କୁ-ଲାଭ ଦେଇଥାଏ ।**

**ତାଲିବେ ଦୁଆ:**Shamim Ahmad, S/o- Late Sk Abdul Gaffar &
Jamila Sahiba, Jamat Ahmadiya Kotpalla (Odisha)

ଏହା ଉଲ୍ଲେଖ କରିଛନ୍ତି ଯେ, ମୋ ଜ୍ଞାନ ଅନୁଯାୟୀ କୌଣସି ଇତିହାସବିତ୍ ଉକ୍ତ ସୈନ୍ୟବାହିନୀର କାର୍ଯ୍ୟାନୁଷ୍ଠାନର କୌଣସି ବ୍ୟାପକ ଓ ବିସ୍ତୃତ ଚର୍ଚ୍ଚା କରି ନାହାନ୍ତି । ଅର୍ଥାତ୍ ଯେଉଁ ସୈନ୍ୟବାହିନୀର ନେତୃତ୍ୱ ଖାଲିଦ୍ ବିନ୍ ସଇଦ୍ ବିନ୍ ଆସ୍ ଉର୍ନା ପର୍ଯ୍ୟନ୍ତ କରିଥିଲେ । ହଁ ଉକ୍ତ କଥାରେ କୌଣସି ମତଭେଦ ଦେଖିବାକୁ ମିଳୁ ନାହିଁ ଯେ, ଖାଲିଦ୍ ବିନ୍ ସଇଦ୍ ବିନ୍ ଆସ୍‌କୁ ହୁଜୈଲ୍ ସଂପ୍ରଦାୟ ଆଡ଼କୁ ପ୍ରେରଣ କରାଯାଇଥିଲା । ଏହି ହୁଜୈଲ୍ ସଂପ୍ରଦାୟ ଉର୍ନା ଠାରେ ଅବସ୍ଥାନ କରୁଥିଲେ । **(ଅଲ୍ ଲୁ ଲୁଉଲ୍ ମକ୍‌ନୁନ୍, ଜୀବନୀ ଶବ୍ଦକୋଷ, ଭାଗ-9, ପୃ-212-224, ଦାରୁସ୍ ସଲାମରୁ ଉଦ୍ଧୃତ) (ହୁନୈନ୍ ଯୁଦ୍ଧ, ଲେଖକ-ମୁହମ୍ମଦ ବାଶ୍‌ମିଲ୍, ପୃ-35-37, ନଫିସ୍ ଏକାଡ଼େମୀ, କରାଚୀ)**

ହୁଜୁର ଅନୱର୍ ଅ.ବ କହିଲେ, ସେ ଯାହା ହେଉ ଆଁହଜରତ୍ ସ.ଅଙ୍କ ଏହି ଜୀବନୀ ସଂପର୍କରେ ମଧ୍ୟ ଭଲ ଭାବରେ ଆମମାନଙ୍କୁ ଜ୍ଞାତ ହୋଇଥାଏ ଯେ, ଆପଣ ସ.ଅ କେଉଁଠି ବି କଠୋରତା, କ୍ରୁରତା ପ୍ରଦର୍ଶନ କରି ନାହାନ୍ତି । ଇସ୍‌ଲାମ୍ ଧର୍ମର ଶତ୍ରୁମାନେ ଆଁହଜରତ ସ.ଅଙ୍କ ଉପରେ ଯେଉଁ ଦୋଷାରୋପଣ କରନ୍ତି ଯେ, ଯୁଦ୍ଧମାନଙ୍କରେ ଆଁହଜରତ ସ.ଅ ଲୋକମାନଙ୍କର ସଂହାର (ଗଣସଂହାର) କରିଛନ୍ତି ଏହା ସଂପୂର୍ଣ୍ଣ ରୂପେ ଭୁଲ୍ ଅଟେ । ଆପଣ ସ.ଅ ତ' ଏପରି ମହାବତାର ଅଟନ୍ତି ଯେ, ଯେଉଁଠି ଭୁଲ୍ ବଶତଃ କୌଣସି ବ୍ୟକ୍ତି ଦ୍ୱାରା, କୌଣସି ସେନାପତି ଦ୍ୱାରା କିଛି ତ୍ରୁଟି ଓ ଅଘଟଣ ହୋଇଯାଉଥିଲା ତେବେ ସେ ପରିପ୍ରେକ୍ଷୀରେ ଆପଣ ସ.ଅ ରୁଷ୍ଟ ଓ ଅସନ୍ତୁଷ୍ଟ ଭାବ ପରିପ୍ରକାଶ କରିଛନ୍ତି ।

ହୁଜୁର ଅନୱର୍ ଅ.ବ କହିଲେ, ଅନ୍ୟ ଯୁଦ୍ଧ ଏବଂ ସରାୟାର ଯେଉଁସବୁ ଘଟଣାବଳୀ ରହିଛି ସେଥି ସଂକ୍ରାନ୍ତରେ ଇନ୍‌ଶାଅଲ୍ଲାଃ ପରବର୍ତ୍ତୀ ଖୁତ୍‌ବାରେ ଚର୍ଚ୍ଚା କରିବି ।

**(ଅଲ୍‌ଫଜଲ୍ ଇଣ୍ଟର୍ ନ୍ୟାସ୍‌ନଲ୍, 05 ସେପ୍ଟେମ୍ବର 2025 ମସିହା, ପୃ-2-6)**

☆--☆--☆

## ପୃ-2ରେ ବର୍ଣ୍ଣିତ ଖୁତ୍‌ବା 25-07-2025 ଜୁମାର ଅବଶିଷ୍ଟାଂଶ....

ହୁଜୁର ଅ.ସ କହିଲେ ଅତଏବ୍ ଏ ହେଉଛି ସେହି ଶିକ୍ଷା ଏବଂ ନିଷ୍ଠାର ସ୍ତର ଯେଉଁ ନିଷ୍ଠା ଓ ଶିକ୍ଷାକୁ ପ୍ରତ୍ୟେକ ଅହମଦି ବ୍ୟକ୍ତି ନିଜ ଦୃଷ୍ଟି ସମ୍ମୁଖରେ ରଖିବା ଉଚିତ୍ । ଆମେମାନେ କେବଳ ସ୍ଲୋଗାନ ଦେବା ନିମନ୍ତେ କିମ୍ବା ଭାଷଣକୁ ପସନ୍ଦ କରିବା ନିମନ୍ତେ ଭାଷଣ ଶୁଣିବୁ ନାହିଁ । ବରଂ ଅଲ୍ଲାଃତାଲା ଓ ତାହାଙ୍କ ବାର୍ତ୍ତାବହଙ୍କ ସକାଶେ ଏହି ଭାଷଣ ଉପରେ କାର୍ଯ୍ୟାନୁସରଣ କରିବା ନିମନ୍ତେ ଭାଷଣ ଶୁଣିବା ଉଚିତ୍ । ଉକ୍ତ ଅଭିପ୍ରାୟ ନେଇ ପ୍ରତ୍ୟେକ ଅହମଦି ବ୍ୟକ୍ତିକୁ ଏଠାକୁ ଅର୍ଥାତ୍ ଜଲସାକୁ ଆସିବା ଉଚିତ୍। ହୁଜୁର ଅନ୍‌ୱର୍ ଅ.ବ କହିଲ, ମୁଁ ଏହି ଆଶା ରଖୁଛି ଯେ, ଆପଣମାନେ ଏହି ଉଦ୍ଦେଶ୍ୟ ନେଇ ଉକ୍ତ ଜଲ୍‌ସାକୁ ଆସିଥିବେ । ପ୍ରତ୍ୟେକ ବ୍ୟକ୍ତିକୁ ଉକ୍ତ ନୀତିକୁ ନିଜ ଦୃଷ୍ଟି ସମ୍ମୁଖରେ ରଖିବା ଉଚିତ୍ । ଏଥି ସଂକ୍ରାନ୍ତରେ ଏକଥା ମଧ୍ୟ ମନେରଖିବା ଉଚିତ୍ ଯେ, ଆମମାନଙ୍କୁ ନିଜର ଦିନ ଈଶ୍ୱର ଚର୍ଚ୍ଚାରେ ଅତିବାହିତ କରିବା ଉଚିତ୍ ।

ଜଲ୍‌ସା ଶୁଣିବା ସମୟରେ ମଧ୍ୟ ନିଜର ତୁଣ୍ଡକୁ ଈଶ୍ୱର ଚର୍ଚ୍ଚା ଦ୍ୱାରା ଆର୍ଦ୍ର ରଖନ୍ତୁ। ଜଲ୍‌ସା ପରେ ଆପଣମାନେ ଯେତେବେଳେ ବାଟରେ ଚଲାବୁଲା କରନ୍ତି ଓ ଲୋକମାନଙ୍କ ସହିତ କଥାବାର୍ତ୍ତା କରନ୍ତି ସେତେବେଳେ ମଧ୍ୟ କେବଳ ଧାର୍ମିକ କଥାବାର୍ତ୍ତା କରିବା ଉଚିତ୍ । ଅଲ୍ଲାଃତାଲାଙ୍କ ଚର୍ଚ୍ଚା ସମ୍ବଳିତ କଥାବାର୍ତ୍ତା ହିଁ ଆପଣମାନେ କରନ୍ତୁ । ଆପଣମାନଙ୍କର କଥାବାର୍ତ୍ତା ପବିତ୍ର କୁରଆନ୍ କରୀମ୍, ହଦିସ୍ ଓ ପୁଣ୍ୟଶ୍ଳୋକ ହ. ମସିହ୍ ମୁଦ୍ ଅ.ସଙ୍କ ଅଭିପ୍ରାୟକୁ ଚରିତାର୍ଥକାରୀ ସାବ୍ୟସ୍ତ ହେବା ଉଚିତ୍ । ଅଲ୍ଲାଃତାଲାଙ୍କର ଚର୍ଚ୍ଚା ଓ ଧର୍ମ ସକାଶେ ଦୁଆ କରିବା ପ୍ରତି ଆପଣମାନେ ଧ୍ୟାନ ଦିଅନ୍ତୁ। ଈଶ୍ୱର ଚର୍ଚ୍ଚା ହିଁ ଏକମାତ୍ର ପନ୍ଥା ଯାହା ମନୁଷ୍ୟର ଚିନ୍ତାଧାରାକୁ ପବିତ୍ର କରିଥାଏ ଏବଂ ଏହା ହିଁ (ଅର୍ଥାତ୍ ଈଶ୍ୱର ଚର୍ଚ୍ଚା ହିଁ) ମନୁଷ୍ୟକୁ ଅଲ୍ଲାଃତାଲାଙ୍କ କୃପାର ଅଧିକାରୀ କରି ଦେଇଥାଏ । ହ. ମୁସ୍‌ଲେହ୍ ମଉଦ୍ ର.ଅ ଏକ ସ୍ଥଳରେ ଅତ୍ୟନ୍ତ ସୁନ୍ଦର ଢଙ୍ଗରେ କହିଛନ୍ତି ଯେ, ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ କୁହନ୍ତି ଯେ, ହେ ବିଶ୍ୱାସକାରୀମାନେ ତୁମେମାନେ ଈଶ୍ୱର ଚର୍ଚ୍ଚା କର ଏବଂ ବିଶେଷ ରୂପେ ସେତେବେଳେ ଈଶ୍ୱର ଚର୍ଚ୍ଚା କର ଯେତେବେଳେ ସଭା ସମିତିର ଆସର ବସିଥିବ । ଅତଏବ୍ ସଭା ସମିତି ଅର୍ଥାତ୍ ଇଜ୍‌ଲାସ ଆଦିରେ ଈଶ୍ୱର ଚର୍ଚ୍ଚା କରିବାକୁ ଅଲ୍ଲାଃତାଲା ଲାଭ ବୋଲି ବିବେଚିତ କରିଛନ୍ତି । ଅତଏବ୍ ଏହାର ଲାଭ ସଂପର୍କରେ ଅଲ୍ଲାଃତାଲା କହିଛନ୍ତି ଯେ, اُذْكُرُوا اللّٰهَ يَذْكُرْكُمْ । ଅର୍ଥାତ୍ ହେ ମନୁଷ୍ୟ ଓ ବିଶ୍ୱାସକାରୀମାନେ ଯଦି ତୁମେମାନେ ଈଶ୍ୱର ଚର୍ଚ୍ଚା କରିବ ତେବେ ଈଶ୍ୱର ମଧ୍ୟ ତୁମର ଚର୍ଚ୍ଚା କରିବା ଆରମ୍ଭ କରିଦେବେ । ଅତଏବ୍ ଯେଉଁ ବ୍ୟକ୍ତିର ଅଲ୍ଲାଃତାଲା ଚର୍ଚ୍ଚା କରନ୍ତି ତେବେ ସେହି ବ୍ୟକ୍ତି ଅତ୍ୟନ୍ତ ଭାଗ୍ୟଶାଳୀ ଅଟେ। ସେହି ବ୍ୟକ୍ତି ଠାରୁ ଭାଗ୍ୟଶାଳୀ ଅନ୍ୟ କୌଣସି ବ୍ୟକ୍ତି ହୋଇପାରିବ ନାହିଁ । ଯେଉଁ ବ୍ୟକ୍ତିର ବା ଯେଉଁ ସେବକର ମାଲିକ ନିଜର ସେବକକୁ ମନେ ପକାନ୍ତି ଓ ଡକାନ୍ତି ତେବେ ସେହି ବ୍ୟକ୍ତି ଅତ୍ୟନ୍ତ ଭାଗ୍ୟଶାଳୀ ଅଟେ । ଈଶ୍ୱର ଚର୍ଚ୍ଚା ଏକ ମହାପୁରସ୍କାର ଅଟେ । ହ. ମୁସ୍‌ଲେହ୍ ମଉଦ୍ ର.ଅ ଉପଦେଶ ଦେଇ କୁହନ୍ତି ଯେ, ତୁମେମାନଙ୍କୁ ପୁରସ୍କାର ମିଳୁ ଅବା ନମିଳୁ କିନ୍ତୁ ତୁମେମାନେ ଈଶ୍ୱର ଚର୍ଚ୍ଚାରେ ସର୍ବଦା ନିମଜ୍ଜିତ ହୋଇଯାଅ । ଏହା ଦ୍ୱାରା ଅଲ୍ଲାଃତାଲା ପ୍ରସନ୍ନ ହୋଇଯିବେ ଏବଂ ସେ ତୁମମାନଙ୍କୁ ସ୍ମରଣ ମଧ୍ୟ ରଖିବେ । **(ଖୁତ୍‌ବାତେ ମହମୁଦ୍, ଭାଗ-4, ପୃ-258, ଖୁତ୍‌ବା ଜୁମା, ପ୍ରଦତ୍ତ-25 ସେପ୍ଟେମ୍ବର, 1914 ମସିହା)**

ଅତଏବ୍ ଅଲ୍ଲାଃତାଲା ଯେତେବେଳେ ନିଜର ଭକ୍ତ, ନିଜର ସେବକକୁ ମନେରଖନ୍ତି ସେତେବେଳେ ସେ ନିଜର ଭକ୍ତ ତଥା ସେବକକୁ ବିନା ପୁରସ୍କାର ପ୍ରଦାନ କରି ଛାଡ଼ି ଦିଅନ୍ତି । ନା ସେ କଦାପି ଏପରି କରନ୍ତି ନାହିଁ । ଅଲ୍ଲାଃତାଲା ନିଜର ଭକ୍ତମାନଙ୍କୁ ପୁରସ୍କୃତ ମଧ୍ୟ କରିଥାଆନ୍ତି । ଅତଏବ୍ ଅଲ୍ଲାଃତାଲାଙ୍କର କୃପାକୁ ଆକର୍ଷିତ କରିବା ନିମନ୍ତେ ଏହି ବିଶେଷ ଦିନ (3 ଦିନ)ମାନଙ୍କରେ ଉପରୋକ୍ତରେ ବର୍ଣ୍ଣିତ କଥାଗୁଡ଼ିକୁ ଆପଣମାନେ ବିଶେଷ ରୂପେ ମନେରଖନ୍ତୁ ଓ ଏଥି ପ୍ରତି ବିଶେଷ ରୂପ ଧ୍ୟାନ ମଧ୍ୟ ଦିଅନ୍ତୁ । ଜଲ୍‌ସାରେ ସାମିଲ୍ ହୋଇଥିବା ପ୍ରତ୍ୟେକ ଅତିଥି, ପ୍ରତ୍ୟେକ କାମ କରୁଥିବା ଲୋକମାନେ ସମସ୍ତେ ଉପରୋକ୍ତ କଥା ପ୍ରତି ବିଶେଷ ରୂପେ ଧ୍ୟାନ ଦିଅନ୍ତୁ କି ଆପଣମାନେ ନିଜର ତୁଣ୍ଡକୁ ଈଶ୍ୱର ଚର୍ଚ୍ଚା ଦ୍ୱାରା ଆର୍ଦ୍ର ରଖିବେ । ଯେତେବେଳେ ଏପରି ହେବ ସେତେବେଳେ ଏପରି ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଯିବ ଯାହା ନିଃସନ୍ଦେହ ରୂପେ ଏକ ଶାନ୍ତିପୂର୍ଣ୍ଣ ପରିବେଶ ସିଦ୍ଧ ହେବ । ଏହି ଶାନ୍ତିପୂର୍ଣ୍ଣ ପରିବେଶ ସକାଶେ ଜଲ୍‌ସା ସାଲାନା ଆୟୋଜନ କରାଯାଉଛି । ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ଏକ ସ୍ଥାନରେ କୁହନ୍ତି ଯେ, ସମସ୍ତ ଲୋକମାନଙ୍କୁ ଧ୍ୟାନପୂର୍ବକ ଜଲ୍‌ସା ଶୁଣିବା ଉଚିତ୍ । ବକ୍ତା ବା ବର୍ଣ୍ଣନାକାରୀ ଯେମିତିଆ ଉଚ୍ଚ କୋଟିର ଲାଭଦାୟକ ଏବଂ ପ୍ରଭାବଶାଳୀ ଭାଷଣ ଦେଉ ନା କାହିଁକି ଯେପର୍ଯ୍ୟନ୍ତ ଆପଣମାନେ ସେହି ଭାଷଣକୁ ଧ୍ୟାନପୂର୍ବକ ଓ ନିରବତା ପୂର୍ବକ ଶୁଣିନେଇ ନାହାନ୍ତି ସେପର୍ଯ୍ୟନ୍ତ ଆପଣମାନଙ୍କୁ ଏହାର କୌଣସି ଲାଭ ଓ ସୁଫଳ ମିଳିବ ନାହିଁ । ସେହିପରି ଏପରି ଲୋକମାନଙ୍କ ସଂକ୍ରାନ୍ତରେ ଏହା କୁହାଯାଏ ଯେ, ସେମାନେ କାନ ତ' ରଖନ୍ତି କିନ୍ତୁ ସେମାନେ ଶୁଣନ୍ତି ନାହିଁ, ସେମାନଙ୍କର ହୃଦୟ ତ' ରହିଛି କିନ୍ତୁ ସେମାନେ ପ୍ରସଙ୍ଗକୁ ବୁଝନ୍ତି ନାହିଁ (ହୃଦୟଙ୍ଗମ କରନ୍ତି ନାହିଁ) । ଅତଏବ୍ ଏକଥା ମନେରଖ ! ଯାହା କିଛି ବର୍ଣ୍ଣନା କରାଯିବ ତାହାକୁ ଆପଣମାନେ ଧ୍ୟାନପୂର୍ବକ ଓ ଚିନ୍ତାର ସହିତ ଶୁଣିବେ । କାରଣ ଯେଉଁ ବ୍ୟକ୍ତି ଭାଷଣ, ଉପଦେଶ ଶୁଣେ ନାହିଁ ସେହି ବ୍ୟକ୍ତି ଉପକାରୀ ଓ ଲାଭଦାୟକ ଅସ୍ତିତ୍ୱଙ୍କ ସାହଚର୍ଯ୍ୟତ୍ୱରେ ଦୀର୍ଘ ଦିନ ପର୍ଯ୍ୟନ୍ତ ରହିଲେ ପଛେ, ସେହି ଉପଦେଶରୁ ବ୍ୟକ୍ତିକୁ କୌଣସି ଲାଭ ବା ଫାଇଦା ମିଳି ନଥାଏ ।

**(ମଲ୍‌ଫୁଜାତ୍, ଭାଗ-2, ପୃ-479, ସଂସ୍କରଣ ବର୍ଷ-2022 ମସିହାରୁ ଉଦ୍ଧୃତ)**

ହୁଜୁର ଅନ୍‌ୱର ଅ.ବ କହିଲେ, ଏହି ତିନି ଦିନରେ ଆମମାନଙ୍କୁ ଲାଭ ସେତେବେଳେ ପ୍ରାପ୍ତ ହେବ ଯେତେବେଳେ ଆମେମାନେ ଉପରୋକ୍ତ କଥା ଅର୍ଥାତ୍ ଜଲ୍‌ସାରେ ଦିଆଯାଇଥିବା ଭାଷଣ ଓ ହୁଜୁର ଅନ୍‌ୱର୍ ଅ.ବଙ୍କ ଉପଦେଶକୁ ଧ୍ୟାନପୂର୍ବକ ଶୁଣିବା ତଥା ଏହିସବୁ ଆଦେଶାବଳୀ ଉପରେ ଆମେମାନେ କାର୍ଯ୍ୟାନୁସରଣ କରିବାର ଅଙ୍ଗୀକାର ମଧ୍ୟ କରିବୁ । ଏଥି ନିମନ୍ତେ ନିଜର ହୃଦୟକୁ ପବିତ୍ର ରଖିବା ସକାଶେ ଈଶ୍ୱର ଚର୍ଚ୍ଚା ଦ୍ୱାରା ନିଜର ତୁଣ୍ଡକୁ ଆର୍ଦ୍ର ରଖନ୍ତୁ । ଜଲ୍‌ସାରେ ବସି ଈଶ୍ୱର ଚର୍ଚ୍ଚା କରୁ ଥାଆନ୍ତୁ, ଦୁଆ କରୁ ଥାଆନ୍ତୁ, ଦୁରୁଦ୍ ଶରୀଫ୍ ପାଠ କରୁ ଥାଆନ୍ତୁ । ପୁନଶ୍ଚ ଯେତେବେଳେ ଆପଣମାନେ ଭାଷଣ ଶୁଣିବେ ସେତେବେଳେ ଏହାର ବିଶେଷ ପ୍ରଭାବ ମଧ୍ୟ ଆପଣମାନଙ୍କ ଉପରେ ପଡ଼ିବ । ଅତଏବ୍ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ଏଥି ସଂକ୍ରାନ୍ତରେ ଅତ୍ୟନ୍ତ ଚିନ୍ତା ପ୍ରକାଶ କରିଛନ୍ତି ଯେ, "ଯଦି ତୁମେମାନେ ଜଲ୍‌ସା ସାଲାନାର କାର୍ଯ୍ୟକ୍ରମକୁ ଧ୍ୟାନପୂର୍ବକ ନଶୁଣ ତେବେ ତୁମମାନଙ୍କର ଜଲ୍‌ସାକୁ ଆସିବା ନିରର୍ଥକ ଅଟେ ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉକ୍ତ କଥାକୁ ଆମମାନଙ୍କୁ ବିଶେଷ ରୂପେ ସ୍ମରଣ ରଖିବା ଉଚିତ୍ ଯେ, ଆମମାନଙ୍କର ଅଭିପ୍ରାୟ ନିଜର ସଂଶୋଧନ କରିବା, ନିଜର ଧାର୍ମିକ ଜ୍ଞାନକୁ ବୃଦ୍ଧି କରିବା, ନିଜର ଆଧ୍ୟାତ୍ମିକ ଅବସ୍ଥାକୁ ଉତ୍ତମ, ଉନ୍ନତ, ଶୃଙ୍ଖଳିତ ଓ ପରିମାର୍ଜିତ କରିବା ଅଟେ । ଏଥି ନିମନ୍ତେ ଆମେମାନଙ୍କୁ ଭରପୁର୍ ଉଦ୍ୟମ କରିବା ଉଚିତ୍ ଓ ଚାରିତ୍ରିକ ରୂପେ ମଧ୍ୟ ଆମମାନଙ୍କୁ ନିଜର ଅବସ୍ଥାକୁ ଉନ୍ନତ ଏବଂ ବ୍ୟବସ୍ଥିତ କରିବାକୁ ହେବ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆମମାନଙ୍କର ଆଉ ଏକ ବଡ଼ ଅଭିପ୍ରାୟ ଏହା ମଧ୍ୟ ଅଟେ ଯେ, ନିଜର ବନ୍ଧୁ ବାନ୍ଧବ, ଭାଇମାନଙ୍କ ନିମନ୍ତେ ବଳିଦାନର ଉତ୍ସାହ ସୃଷ୍ଟି କରିବା ଓ ମନ ଭିତରେ ଥିବା ବୈରାଗ୍ୟ, ବିଦ୍ୱେଷୀଭାବକୁ ଦୂରୀଭୂତ କରିବା । ଏହି ଯେଉଁ ପରିବେଶ ତଥା ବାତାବରଣ ସୃଷ୍ଟି ହୋଇଛି ତହିଁରେ ସହସ୍ର ସହସ୍ର ଲୋକମାନେ ଏକତ୍ରିତ ହୋଇଛନ୍ତି ଏହି ପରିବେଶ ଏପରି ଏକ ପରିବେଶ ଯେ, ଯଦି ଉକ୍ତ ପରିବେଶରେ ଆପଣମାନେ ପରସ୍ପର ପ୍ରତି ଭ୍ରାତୃତ୍ୱତା, ପ୍ରେମ ଓ ଆନ୍ତରୀକତାମୂଳକ ଆଚରଣ ପ୍ରଦର୍ଶ କରିବେ ତେବେ ସେହି ପରିସ୍ଥିତି ଏବଂ ବାତାବରଣ ତଥା ପରିବେଶ ସୃଷ୍ଟି ହେବ ଯେଉଁ ପରିବେଶରେ ପ୍ରେମ, ଆନ୍ତରୀକତା, ଭ୍ରାତୃତ୍ୱତା ହେବ । ଏହି ସବୁ ବିଶେଷତା ହେଉଛି ଇସ୍‌ଲାମ ଧର୍ମର ଶିକ୍ଷାର ବିଶେଷତ୍ୱ। ଏହା ଉପରେ କାର୍ଯ୍ୟାନୁସରଣ କରି ମନୁଷ୍ୟ ଅଲ୍ଲାଃତାଲାଙ୍କ ନିକଟରେ ଅତି ସହଜରେ ତାହାଙ୍କ କୃପାକୁ ପ୍ରାପ୍ତକାରୀ ବ୍ୟକ୍ତି ରୂପେ ବିବେଚିତ ହୋଇପାରିବ । ଆପଣ ଅ.ସ ଅନେକ ଭାଷଣମାନଙ୍କରେ ଏଥି ପ୍ରତି ଧ୍ୟାନ ଆକର୍ଷଣ କରିଛନ୍ତି ଯେ, ଜଲ୍‌ସାକୁ ଆସିବାର ଏକ ଅଭିପ୍ରାୟ ଏହା ମଧ୍ୟ ଅଟେ ଯେ, ସର୍ବୋଚ୍ଚ ଉତ୍ତମ ଚରିତ୍ରବତ୍ତା ପ୍ରାପ୍ତ କରିବା ଓ ଉତ୍ତମ ଆଚରଣ ପ୍ରଦର୍ଶନ କରିବା ଅଟେ । ସେହିପରି ଆପଣ ଅ.ସ ଏହା ମଧ୍ୟ କହିଛନ୍ତି ଯେ, ସର୍ବୋଚ୍ଚ ଉତ୍ତମ ଚରିତ୍ରବତ୍ତା ପ୍ରତ୍ୟେକ ପାର୍ଶ୍ୱରୁ ହେବା ଉଚିତ୍ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ବେଳେବେଳେ ଛୋଟ ଛୋଟ କଥାକୁ କେନ୍ଦ୍ର କରି ବୈରିଦ୍ୱେଷ, ଶତ୍ରୁତା ଏବଂ କଳହ ଭଳି ସ୍ଥିତି ଉପୁଜିଥାଏ । ଏପର୍ଯ୍ୟନ୍ତକି ବେଳେବେଳେ କର୍ମୀମାନଙ୍କ ମଧ୍ୟରେ ଓ କର୍ମୀମାନଙ୍କର ଅତିଥିମାନଙ୍କ ସହିତ କଳହ ହୋଇ ଯାଇଥାଏ। ତେଣୁ ଏପରି କଦାପି ହେବା ଉଚିତ୍ ନୁହଁ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ସର୍ବଦା ଉତ୍ତମ ଆଚରଣ ପ୍ରଦର୍ଶନ କରିବା ଉଚିତ୍ । ଅତଏବ୍ ଏଥିପ୍ରତି ଅତିଥିମାନେ ଏବଂ କର୍ମୀମାନେ ଦୁହେଁ ବିଶେଷ ରୂପେ ଧ୍ୟାନ ଦିଅନ୍ତୁ । କାରଣ ଆମମାନଙ୍କର ଚରିତ୍ର

ସର୍ବଦା ସର୍ବୋଚ୍ଚ ହେବା ଉଚିତ୍ ଏବଂ ପ୍ରତ୍ୟେକ ପ୍ରକାରର ଉପଦ୍ରବରୁ ବର୍ତ୍ତିବା ନିମନ୍ତେ ସର୍ବଦା ଦୁଆ କରିବା ଉଚିତ୍ ।

ହୁଜୁର ଅନୱର୍ ଅ.ବ ସେହିପରି ଜଲ୍‌ସା ସଂପର୍କରେ ଅନ୍ୟ କେତେକ କଥା ମଧ୍ୟ କହିବାକୁ ଚାହୁଁଛି । **ପ୍ରଥମତଃ-** ଜଲ୍‌ସା ଦିନମାନଙ୍କର ଆପଣ ଯେଉଁଠି ବିଁ ଅବସ୍ଥାନ କରୁଛନ୍ତି, ଯେତେବେଳେ ଆପଣମାନେ ମସ୍‌ଜିଦ୍ ଯାଉଛନ୍ତି ଅର୍ଥାତ୍ ଲଣ୍ଡନ୍‌ର ବୈତୁଲ୍ ଫୁତୁହ୍ ମସ୍‌ଜିଦ୍ କିମ୍ବା ମସ୍‌ଜିଦ୍ ଫଜଲ୍ ଲଣ୍ଡନ ଯାଉଛନ୍ତି କିମ୍ବା ଇସ୍‌ଲାମାବାଦ୍‌ର ମସ୍‌ଜିଦ ଯାଉଛନ୍ତି ସେତେବେଳେ ଆପଣ ନିଜର ପଡ଼ୋଶୀମାନଙ୍କର ମଧ୍ୟ ବିଶେଷ ଧ୍ୟାନ ରଖନ୍ତୁ ଓ ନିଜର ସର୍ବୋଚ୍ଚ ଉତ୍ତମ ଚରିତ୍ରବତ୍ତା ଏବଂ ଉତ୍ତମ ଆଚରଣ ପ୍ରଦର୍ଶନ କରୁ ଥାଆନ୍ତୁ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସଡ଼କର ଯେଉଁ ଟ୍ରାଫିକ୍ ନିୟମ ରହିଛି ତାହାକୁ ନିୟମାନୁବର୍ତ୍ତୀ ହୋଇ ପାଳନ କରନ୍ତୁ । ଭିଡ଼ ଯୋଗୁଁ ବେଳେବେଳେ ଟ୍ରାଫିକ୍ ଅଧିକ ହୋଇଯାଇଥାଏ ଓ ଟ୍ରାଫିକ୍ ସମସ୍ୟା ଉପୁଜିଥାଏ । ତେଣୁ ଲୋକମାନଙ୍କ ଘର ଆଗରେ କୌଣସି ପ୍ରକାରର ଅଳିଆ ଆବର୍ଜନା ଫୋପାଡ଼ନ୍ତୁ (ପକାନ୍ତୁ) ନାହିଁ। ଯେଉଁ ମହିଳାମାନଙ୍କର ଛୋଟ ପିଲାମାନେ ରହିଛନ୍ତି ସେମାନଙ୍କ ନିମନ୍ତେ ପୃଥକ୍ ମାର୍କି (ସ୍ଥାନ) ପ୍ରସ୍ତୁତ କରାଯାଇଛି । ତେଣୁ ଏହି ମହିଳାମାନେ ଉକ୍ତ ମାର୍କିରେ ହିଁ ନିଜ ପିଲାଙ୍କୁ ଧରି ବସନ୍ତୁ । ଆପଣମାନେ ଏହି ଉଦ୍ୟମ କରନ୍ତୁ ଯେ, ସେଠାରେ କୌଣସି ପ୍ରକାରର କୋଳାହଳ ସୃଷ୍ଟି ନହେଉ । କାରଣ ବେଳେବେଳେ ଏପରି ମଧ୍ୟ ହୋଇଥାଏ ଯେ, ଛୋଟ ପିଲାମାନେ ତ' କମ୍ ପାଟିତୁଣ୍ଡ କରିଥାଆନ୍ତି । କିନ୍ତୁ ସେମାନଙ୍କର ମାଆମାନେ ଏହା ଭାବନ୍ତି ଯେ, ସେମାନେ ଉକ୍ତ ମାର୍କିକୁ ଆସି ଯାଇଛନ୍ତି, ତେଣୁ ସେମାନଙ୍କ ନିମନ୍ତେ କଥାବାର୍ତ୍ତା କରିବା ବୈଧ ହୋଇଯାଇଛି । ତେଣୁ ସେମାନଙ୍କୁ କଥାବାର୍ତ୍ତା କରିବାରୁ ନିବୃତ୍ତ ରହିବା ଉଚିତ୍ । ସେହି ମହିଳାମାନେ ଭାଷଣ ଶୁଣିବା ପ୍ରତି ବିଶେଷ ଧ୍ୟାନ ଦେବା ଉଚିତ୍ । ଯେଉଁ କାର୍ଯ୍ୟକ୍ରମ ହୋଇଛି ତାହାକୁ ଆପଣମାନେ ଧ୍ୟାନପୂର୍ବକ ଶୁଣିବା ଉଚିତ୍ । ଯେତେବେଳେ ଏହି ମହିଳା ତଥା ମାଆମାନେ ସ୍ୱୟଂ ନିଜର ଉଦାହରଣ ତଥା ଆଦର୍ଶ ପ୍ରଦର୍ଶନ କରିବେ ସେତେବେଳେ ସେମାନଙ୍କର ସନ୍ତାନମାନେ ମଧ୍ୟ ନୀରବତାର ସହିତ ଜଲ୍‌ସା ଶୁଣିବେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, କେତେକ ମାଆମାନେ **ମାଶାଅଲ୍ଲାଃ** ଏପରି ଅଟନ୍ତି ଯେ, ସେମାନେ ନିଜ ସନ୍ତାନମାନଙ୍କର ଏପରି ସଂସ୍କାର କରି ଥାଆନ୍ତି କିମ୍ବା ସେମାନଙ୍କର ଧ୍ୟାନ କୌଣସି ଜିନିଷରେ କେନ୍ଦ୍ରୀଭୂତ କରିବା ନିମନ୍ତେ ପିଲାଙ୍କ ହାତରେ କୌଣସି ଜିନିଷ ଦେଇ ଦେଇଥାଆନ୍ତି । ଏହି ଜିନିଷକୁ ଧରି ଛୋଟ ପିଲାମାନେ ବ୍ୟସ୍ତ ରୁହନ୍ତି ଓ ମାଆମାନେ ଆରାମ ସେ କାର୍ଯ୍ୟକ୍ରମ ମଧ୍ୟ ଶୁଣି ନେଇଥାଆନ୍ତି । କିନ୍ତୁ କେତେକ ମାଆମାନେ ଏପରି ମଧ୍ୟ ଥାଆନ୍ତି ଯେଉଁମାନେ ପରସ୍ପର ମଧ୍ୟରେ କଥାବାର୍ତ୍ତା କରିଥାଆନ୍ତି । ଏଥି ସଂକ୍ରାନ୍ତରେ ବ୍ୟବସ୍ଥାପିକା ଅଭିଯୋଗ ମଧ୍ୟ କରିଥାଆନ୍ତି। ତେଣୁ ମାଆମାନେ ଏପରି ଅଭିଯୋଗ କେବେ ବି ସୃଷ୍ଟି ହେବାକୁ ଦିଅନ୍ତୁ ନାହିଁ । ଯେତେବେଳେ ସେମାନଙ୍କୁ ରୋକାଯାଏ ସେତେବେଳେ ସେମାନେ ଅସନ୍ତୋଷ ଓ ରୁଷ୍ଟ ଭାବ ପ୍ରକାଶ କରନ୍ତି । କିନ୍ତୁ ଦୋଷ ଉଭୟ ପକ୍ଷରୁ ହୋଇଥାଏ । ଯଦି କୌଣସି ସ୍ୱେଚ୍ଛାସେବୀ କର୍ମୀ କଟୁ ଭାଷା ପ୍ରୟୋଗ କରିଛି ତେବେ ଅତିଥିମାନେ ମଧ୍ୟ କଟୁତା ଦ୍ୱାରା ଉତ୍ତର ଦେଇ ପ୍ରସଙ୍ଗକୁ ଆହୁରି ବିଗାଡ଼ି ଦେଇଥାଆନ୍ତି । ତେଣୁ ଏହି ଉଦ୍ୟମ କରିବା ଉଚିତ୍ ଯେ, କୌଣସି ପ୍ରକାରର ଅପ୍ରୀତିକର, ବିଶଙ୍ଖଳା ସୃଷ୍ଟି ନହେଉ । ବରଂ ପ୍ରେମ ଓ ଆନ୍ତରୀକତାର ବାତାବରଣ ସ୍ଥାପିତ କରିବା ଉଚିତ୍ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହିପରି ପାର୍କିଂ ଏବଂ ଗେଟ୍ ସମେତ ସମସ୍ତ ବ୍ୟବସ୍ଥା ରହିଛି, ଅତିଥିମାନଙ୍କୁ ସ୍ୱେଚ୍ଛାସେବୀ କର୍ମୀମାନଙ୍କୁ ସହଯୋଗ କରିବା ଉଚିତ୍। କାରଣ ସମସ୍ତ ବ୍ୟବସ୍ଥା ଅତ୍ୟନ୍ତ ସୁରୁଖୁରୁରେ ଏବଂ ବ୍ୟବସ୍ଥିତ ଢଙ୍ଗରେ ପରିଚାଳିତ ଓ ସମ୍ପାଦିତ ହୋଇଯାଉ । ସେହିପରି ଅତିଥିମାନଙ୍କୁ ନିଜର ଆଖାପାଖର ପରିବେଶ ଉପରେ ମଧ୍ୟ ନଜର ରଖିବା ଉଚିତ୍ । ଯଦି କୌଣସି ସନ୍ଦେହଜନକ ବସ୍ତୁ ଦେଖନ୍ତି ତେବେ ତୁରନ୍ତ ବ୍ୟବସ୍ଥାପିକାକୁ ଏଥି ସଂପର୍କରେ ଜଣାନ୍ତୁ । ଆପଣମାନେ ପରସ୍ପର ଉପରେ ନଜର ରଖନ୍ତୁ । କୌଣସି ଦୁଷ୍ଟ,ଖଳ ଓ ମନ୍ଦ ଉଦ୍ଦେଶ୍ୟ ରଖୁଥିବା ବ୍ୟକ୍ତି ମଧ୍ୟ ବିଶୃଙ୍ଖଳା, ଉପଦ୍ରବରୁ ନିବୃତ୍ତ ରହିଥାଏ ଏବଂ ସତର୍କ ହୋଇଯାଇଥାଏ । ସେହି ଦୁଷ୍ଟ ବ୍ୟକ୍ତିକୁ ଉପଦ୍ରବ ଓ ବିଶୃଙ୍ଖଳା କରିବାକୁ ସାହସ ହୋଇ ନଥାଏ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ତେଣୁ ପ୍ରତ୍ୟେକ ଯିବା ଆସିବା କରୁଥିବା ଲୋକମାନେ ଉକ୍ତ କଥାକୁ ଧ୍ୟାନ ରଖିବା ଉ୍‌ଚିତ୍ ଯେ, ସେମାନେ ପରିବେଶକୁ ସୁରକ୍ଷିତ ରଖିବା ସହିତ ପରିବେଶର ସୁରକ୍ଷା ନିମନ୍ତେ ନିଜର ଆଖାପାଖରେ ନଜର ରଖନ୍ତୁ। ସେହିପରି ଡିସିପ୍ଲିନ୍ (ଶୃଙ୍ଖଳା) ତଥା ନିରତବା ରକ୍ଷା କରିବା ନିମନ୍ତେ ମଧ୍ୟ ଏକ ବିଭାଗ ରହିଛି । ଏଥିରେ ମଧ୍ୟ ଲୋକମାନଙ୍କୁ ଭରପୁର ସହଯୋଗ କରିବା ଉଚିତ୍ । ନିଜର ଆଇଡ଼ି କାର୍ଡ଼ ସର୍ବଦା ନିଜ ପାଖରେ ରଖନ୍ତୁ ଏବଂ ଚେକିଂ ସ୍ଥାନରେ ନିଜର କାର୍ଡ଼ ଚେକ୍ କରାନ୍ତୁ । ଯେଉଁ ଲୋକମାନେ ରହଣୀ ସ୍ଥାନମାନଙ୍କର ରହୁଛନ୍ତି ସେମାନେ ଏହି ଉଦ୍ୟମ କରନ୍ତୁ କି ସେମାନେ ନିଜର କୌଣସି ମୂଲ୍ୟବାନ୍ ବସ୍ତୁ ରହଣୀ ସ୍ଥାନରେ ଛାଡ଼ି ଆସିବେ ନାହିଁ । ଏଠାରେ ସୁରକ୍ଷା ବ୍ୟବସ୍ଥା ନିଃସନ୍ଦେହ ରହିଛି । କିନ୍ତୁ ତଥାପି ନିଜର ମୂଲ୍ୟବାନ ବସ୍ତୁ ତଥା ଜିନିଷ ପତ୍ର ଉଦାହରଣ ସ୍ୱରୂପ ଟଙ୍କା ପଇସା, ଗହଣା ଇତ୍ୟାଦି ନିଜ ସହିତ ନେଇ ଆସନ୍ତୁ । କାରଣ ଆପଣମାନଙ୍କୁ କୌଣସି ପ୍ରକାରର ଧନହାନୀର ଆଶଙ୍କା ମନରେ ନରହୁ ।

ଅଲ୍ଲାଃତାଲା କରନ୍ତୁ କି ଆପଣ ସମସ୍ତ ଲୋକମାନେ ଉକ୍ତ ଜଲ୍‌ସାରୁ ଭରପୁର ଲାଭବାନ ଓ ଉପକୃତ ହୁଅନ୍ତୁ । ଜଲ୍‌ସାର ଅଜସ୍ର କଲ୍ୟାଣରୁ ଆପଣମାନେ ଉପକୃତ ହୁଅନ୍ତୁ । ଆପଣମାନେ ଯେତେବେଳେ ଜଲସାରୁ ଓ ଏଠାରୁ ଯିବେ ସେତେବେଳେ ନିଜର ମୁଣି (ପକେଟ୍) କଲ୍ୟାଣ ଦ୍ୱାରା ଭର୍ତ୍ତି କରି ଘରକୁ ଫେରନ୍ତୁ । ଆପଣମାନେ ଅଲ୍ଲାଃତାଲାଙ୍କ କୃପାକୁ ସାଉଁଟି ନିଜ ଘରକୁ ଫେରନ୍ତୁ । ଅଲ୍ଲାଃତାଲାଙ୍କ କୃପାର ପାତ୍ର ବା ଅଧିକାରୀ ହୋଇ ଆପଣମାନେ ସ୍ୱଦେଶ ଓ ସ୍ୱଗୃହକୁ ଫେରନ୍ତୁ । ଅଲ୍ଲାଃତାଲା ସଦୈବ ଆପଣମାନଙ୍କ ଜୀବନରେ ଆପଣମାନଙ୍କ ଉପରେ ଓ ଆପଣମାନଙ୍କ ସନ୍ତାନ ସନ୍ତତି ତଥା ବଂଶଧରମାନଙ୍କ ଉପରେ କୃପାବତୀର୍ଣ୍ଣ କରନ୍ତୁ । ଆପଣମାନେ ସର୍ବଦା ଜମାଅତ୍ ଅହମଦିୟାର ଏକ ଉପାଦେୟ ଅସ୍ତିତ୍ୱ ହୋଇ ସଂସାରରେ ନିଜର ଜୀବନ ଅତିବାହିତ କରନ୍ତୁ । ଆପଣମାନଙ୍କର ବଂଶଧରମାନେ ମଧ୍ୟ ଏହିପରି ଏକ ପବିତ୍ର ଏବଂ ଉପାଦେୟ ଅସ୍ତିତ୍ୱ ହୋଇ ସଂସାରରେ ଜୀବନ ଅତିବାହିତକାରୀ ଅସ୍ତିତ୍ୱ ରୂପେ ପରିଗଣିତ ହୁଅନ୍ତୁ । ଅଲ୍ଲାଃତାଲା କରନ୍ତୁ କି ପ୍ରଳୟ ଦିବସ ପର୍ଯ୍ୟନ୍ତ ଜମାଅତ୍ ଅହମଦିୟା ଅବ୍ୟାହତ ରହୁ ।

ହୁଜୁର ଅନୱର୍ ଅ.ବ କହିଲେ, ପରିଶେଷରେ ମୁଁ ଏହା ମଧ୍ୟ କହିଦେବାକୁ ଚାହୁଁଛି ଯେ, ବିଗତ ବର୍ଷ ପରି ଚଳିତ ବର୍ଷ ମଧ୍ୟ ବିଭିନ୍ନ ବିଭାଗମାନଙ୍କ ପକ୍ଷରୁ ପ୍ରଦର୍ଶନୀ ଏବଂ ଜ୍ଞାନଭିତ୍ତିକ ଓ ଶିକ୍ଷାରେ ଅଭିବୃଦ୍ଧିର ମାଧ୍ୟମ ସମ୍ବଳିତ ଅତ୍ୟନ୍ତ ରୋଚକପୂର୍ଣ୍ଣ ଏବଂ ଆକର୍ଷଣୀୟ ପ୍ରଦର୍ଶନୀ ରହିଛି । ଏହି ପ୍ରଦର୍ଶନୀକୁ ଆପଣମାନେ ଦେଖିବାକୁ ଚେଷ୍ଟା କରନ୍ତୁ ଓ ଦେଖିବା ମଧ୍ୟ ଉଚିତ୍ ।

ହୁଜୁର ଅନୱର୍ ଅ.ବ କହିଲେ, ଉକ୍ତ ପ୍ରଦର୍ଶନୀ ଗୋଟିଏ ସ୍ଥାନରେ ହିଁ ଏକତ୍ରିତ କରି ଦିଆଯାଇଛି । ସେହିପରି ବୁକ୍ ଷ୍ଟଲ୍ ରହିଛି । ବୁକ୍ ଷ୍ଟଲରେ ନୂତନ ପୁସ୍ତକ ମଧ୍ୟ ଆସିଛି । ଆପଣମାନେ ସେଠାକୁ ମଧ୍ୟ ଅବଶ୍ୟ ଯାଆନ୍ତୁ । ବିରତି ସମୟରେ କେବଳ ବଜାରମାନଙ୍କରେ ବୁଲାବୁଲି କରନ୍ତୁ ନାହିଁ କିମ୍ବା ବଜାରରେ କିଣାବିକାରେ ମାତନ୍ତୁ ନାହିଁ । ବରଂ ଏହି ଆଧ୍ୟାତ୍ମିକ ଆହାରରୁ ମଧ୍ୟ ଲାଭାନ୍ୱିତ ଓ ଉପକୃତ ହେବା ନିମନ୍ତେ ଯଥାସାଧ୍ୟ ଉଦ୍ୟମ କରନ୍ତୁ । ଏଥି ନିମନ୍ତେ ଅଲ୍ଲାଃତାଲା ଆମ ସମସ୍ତଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍ । **(ଅଲ୍‌ଫଜଲ୍ ଇଣ୍ଟର୍ ନ୍ୟାସ୍‌ନଲ୍, 05 ଅଗଷ୍ଟ 2025 ମସିହା, ପୃ-2-6)** ☆--☆--☆

## ଏମ୍.ଟି.ଏ ଇଣ୍ଟରନ୍ୟାସ୍‌ନଲ୍ ଇଣ୍ଡିୟା ଷ୍ଟୁଡ଼ିଓ ପକ୍ଷରୁ ଏକ ଅନନ୍ୟ ଉପସ୍ଥାପନ "ପୁସ୍ତକ ପରିଚୟ"

ରୁହାନୀ ଖଜାଏନ୍ ଏବଂ ଅନ୍‌ୱାରୁଲ୍ ଉଲୁମ୍‌ର ସାମଗ୍ରିକି ସମୀକ୍ଷା ଏମ୍.ଟି.ଏ ଇଣ୍ଟରନ୍ୟାସ୍‌ନଲ୍ ଇଣ୍ଡିୟା ଷ୍ଟୁଡ଼ିଆ ପକ୍ଷରୁ "**ପୁସ୍ତକ ପରିଚୟ**" ଉପରେ ଆଧାରିତ ଏକ ନୂତନ ତଥ୍ୟଭିତ୍ତିକ ସିରିଜ୍ ଉପସ୍ଥାପିତ କରାଯାଉଅଛି । ଯହିଁରେ ରୁହାନୀ ଖଜାଏନ୍, ଅନୁ୍‌ୱାରୁଲ୍ ଉଲୁମ ଗ୍ରନ୍ଥର ପୁସ୍ତକ ପରିଚୟ ଉପସ୍ଥାପିତ କରାଯାଇଥାଏ। ଏହି କାର୍ଯ୍ୟକ୍ରମଗୁଡ଼ିକ ମୁଖ୍ୟତଃ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ନିମନ୍ତେ ଜ୍ଞାନଭିତ୍ତିକ, ଆଧ୍ୟାତ୍ମିକ ଓ ସାଂସ୍କାରିକ ଦୃଷ୍ଟିରୁ ଅତ୍ୟନ୍ତ ଉପାଦେୟ ଅଟନ୍ତି । ଉକ୍ତ କାର୍ଯ୍ୟକ୍ରମ ସାହାଯ୍ୟରେ ପୁସ୍ତକଗୁଡ଼ିକୁ ବୁଝିବାରେ ବେଶ୍ ସହାୟକ ଏବଂ ପୁସ୍ତକ ଅଧ୍ୟୟନ କରିବା ପ୍ରତି ସଦସ୍ୟବୃନ୍ଦଙ୍କ ମଧ୍ୟରେ ଆଗ୍ରହ ତଥା ରୁଚି ସୃଷ୍ଟି ହୋଇଥାଏ । ତେଣୁ ଉକ୍ତ କାର୍ଯ୍ୟକ୍ରମ ବେଳେବେଳେ ଏମ୍.ଟି.ଏରେ ପ୍ରସାରଣ କରାଯାଇଥାଏ ଏବଂ ତତ୍‌ସହିତ ଏମ୍.ଟି.ଏ ଭାରତର ୟୁଟ୍ୟୁବ୍ ଚ୍ୟାନେଲ୍ (MTA International India Studios) ରେ ମଧ୍ୟ ଏହି କାର୍ଯ୍ୟକ୍ରମ ଉପଲବ୍ଧ ରହିଛି । ତେଣୁ ଜମାଅତ୍‌ର ସଦସ୍ୟବୃନ୍ଦ ନିଜର ସୁବିଧା ଅନୁଯାୟୀ ଏହି କାର୍ଯ୍ୟକ୍ରମଗୁଡ଼ିକରୁ ଉପକୃତ ହୋଇପାରିବେ । ଏମ୍.ଟି.ଏର ଅଫିସିୟାଲ୍ ୟୁଟ୍ୟୁବ୍ ଚ୍ୟାନେଲ୍‌କୁ ସବସ୍କ୍ରାଇବ କରନ୍ତୁ ଓ ହ୍ୱାଟସ୍ ଅପ୍ ଚ୍ୟାନେଲ୍‌କୁ ଫଲୋ କରନ୍ତୁ । କାରଣ ଆପଣମାନଙ୍କୁ ପ୍ରତ୍ୟେକ ନୂତନ କାର୍ଯ୍ୟକ୍ରମ ସଂପର୍କରେ ଯଥା ସମୟରେ ସୂଚନା ମିଳିପାରିବ ।

ଏମ୍.ଟି.ଏର ଅଫିସିୟାଲ୍ Youtube ଚ୍ୟାନେଲ୍

ଏମ୍.ଟି.ଏର ଅଫିସିୟାଲ୍ Whatsappp ଚ୍ୟାନେଲ୍

## ଅଲ୍ଲାଃତାଲାଙ୍କ ବାଣୀ

**ଅଲ୍ଲାଃତାଲା କୁହନ୍ତି:** كُوْنُوْا مَعَ الصّٰدِقِيْنَ

(ଅତ୍ ତୌବା :119)

**ଅନୁବାଦ୍:** ହେ ବିଶ୍ୱାସାକାରୀମାନେ ସତ୍ୟବାଦୀଙ୍କ ସହ ସାମିଲ୍ ହୁଅ ।

**ତାଲିବେ ଦୁଆ:** Amina Begum Saheba, W/o- Mianjan Khan,
Jamat Ahmadiya Nargaon,
Dist- Cuttack, (Odisha)

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly **BADAR** Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP-40/2023-2025 Vol. 10 Thursday- 18 September 2025 Issue No. 38

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail : managerbadrqnd@gmail.com

## ଓଡ଼ିଆ ନଜମ୍

ରହିମ୍ ଖାଁ (ମୁନ୍ନା), ତାଳବରକୋଟ

ଧନ୍ୟ ସେ ବିଚାର ପତି
ଧନ୍ୟ ତା ବିଚାର
ଦୁନିଆର ବଡ଼ ଜଜ୍
ଅଟେ ଅଲ୍ଲାଃ ମୋର (ଘୋଷା)
ତା' ବିଚାରେ ନଥାଏ ତ'
ପାତର ଅନ୍ତର
କର୍ମ ନେଇ ବିଚାର
ସେ କରେ ବରାବର (୧)
ଦିନରାତି ଦେଖୁଛି ସେ
ସଂସାରକୁ ତାର
ଦିନରାତି ଶୁଣୁଛି ସେ
ମଣିଷ ବେଭାର (୨)
ସୁଖ ଦୁଃଖ ବାଣ୍ଟିଥାଏ
ହେ ଅଲ୍ଲାଃ ମୋର
କିଏ ସୁଖ ପାଏ ପୁଣି
କିଏ ଦୁଃଖ ଭାର (୩)
ସୁଖ ପାଇ ଭୁଲିଥାଏ
ମାଲିକକୁ ତାର
ଦୁଃଖ ବେଳେ ମନେପଡ଼େ
ଖୋଜେ ଅଲ୍ଲାଃ ତାର (୪)
ମଣିଷ ତ' ବୁଝେ ନାହିଁ
ସବୁ କୁହେ ମୋର
କେବେ ଦିନେ କହେ ନାହିଁ
ସବୁ ଅଲ୍ଲାଃଙ୍କର (୫)
ରଖି ନାହିଁ କାହା ଗର୍ବ
କାହା ଅହଂକାର
ଆଜି ଯେ ଅମୀର ପୁଣି
କାଲି ସେ ଫକୀର (୬)
ଜୀବନ ଦେଇଣ ପୁଣି
ଜୀବନ ନେବାର
ତା' ଦୟାରେ ବଞ୍ଚିଛି
ଏ ସାରା ସଂସାର (୭)
ସବୁର ଭୁଲକୁ ସେହି
କରିଣ ବିଚାର
ବାରମ୍ବାର କ୍ଷମାପାଏ
ଦୋଷ କରି ନର (୮)
ଧନ୍ୟ ସେ ବିଚାରପତି ଧନ୍ୟ ତା' ବିଚାର
ଦୁନିଆର ବଡ଼ ଜଜ୍ ଅଟେ ଅଲ୍ଲାଃ ମୋର ।।

☆--☆--☆

## ଏମ୍.ଟି.ଏ ଇଣ୍ଟରନ୍ୟାସନଲ୍ ଇଣ୍ଡିୟା ଷ୍ଟୁଡ଼ିଓ ପକ୍ଷରୁ ଏକ ବିଶେଷ ଉପସ୍ଥାପନ "ଐତିହାସିକ କାର୍ଯ୍ୟକ୍ରମ"

ଜମାଅତ୍ ଅହମଦିୟାର ସ୍ୱର୍ଣ୍ଣିମ ଇତିହାସ ଉପରେ ଆଧାରିତ କାର୍ଯ୍ୟକ୍ରମ ! ଏମ୍.ଟି.ଏ ଇଣ୍ଟର୍‌ନ୍ୟାସ୍‌ନଲ୍ ଇଣ୍ଡିୟା ଷ୍ଟୁଡ଼ିଆ ପକ୍ଷରୁ ଏକ ବିଶେଷ ସିରିଜ୍ ଉପସ୍ଥାପିତ କରାଯାଉଅଛି । ଯହିଁରେ ଜମାଅତ୍ ଅହମଦିୟାର ଇତିହାସରେ ଘଟିଥିବା ମୁଖ୍ୟ ଘଟଣାବଳୀର ବିବରଣୀମାନ ଉପସ୍ଥାପିତ କରାଯାଇଛି । ଯେଉଁଠି ଉକ୍ତ ଘଟଣାବଳୀ ଘଟିଛି ଏହି କାର୍ଯ୍ୟକ୍ରମ ମୁଖ୍ୟତଃ ସେହି ଐତିହାସିକ ସ୍ଥାନକୁ ସେନ୍ଦ୍ର କରି ଉକ୍ତ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି । ତହିଁରେ ସଂକ୍ଷିପ୍ତ ଡକ୍ୟୁମେଣ୍ଟାରୀ (ପ୍ରାମାଣିକ ଭିଡ଼ିଓମାନ) ଇତ୍ୟାଦି ମଧ୍ୟ ଅନ୍ତର୍ଭୁକ୍ତ ରହିଛି । କାରଣ ଦର୍ଶକମାନେ ଏହା ଜାଣନ୍ତୁ ଯେ, ଏହି ସ୍ଥାନଗୁଡ଼ିକର ନାମ କ'ଣ, କେଉଁଠି ଏହି ସ୍ଥାନଗୁଡ଼ିକ ଅବସ୍ଥିତ ଅଛନ୍ତି? ଉକ୍ତ କାର୍ଯ୍ୟକ୍ରମ ବେଳେବେଳେ ଏମ୍.ଟି.ଏରେ ପ୍ରସାରଣ କରାଯାଇଥାଏ । ତତ୍‌ସହିତ ଏମ୍.ଟି.ଏ ଭାରତର ୟୁଟ୍ୟୁବ ଚ୍ୟାନେଲରେ ମଧ୍ୟ ଏହି କାର୍ଯ୍ୟକ୍ରମ ଉପଲବ୍ଧ ରହିଛି। ତେଣୁ ଜମାଅତ୍‌ର ସଦସ୍ୟବୃନ୍ଦ ନିଜର ସୁବିଧା ମୁତାବକ ଏହି କାର୍ଯ୍ୟକ୍ରମଗୁଡ଼ିକରୁ ଉପକୃତ ହୁଅନ୍ତୁ ଏବଂ ଜମାଅତ୍‌ର ଇତିହାସ ସହିତ ଅବଗତ ହୁଅନ୍ତୁ । ଏମ୍.ଟି.ଏର ଅଫିସିୟାଲ ୟୁଟ୍ୟୁବ୍ ଚ୍ୟାନେଲ୍‌କୁ ସବସ୍କ୍ରାଇବ କରନ୍ତୁ ଓ ହ୍ୱାଟସ୍ ଅପ୍ ଚ୍ୟାନେଲ୍‌କୁ ଫଲୋ କରନ୍ତୁ । କାରଣ ଆପଣମାନଙ୍କୁ ପ୍ରତ୍ୟେକ ନୂତନ କାର୍ଯ୍ୟକ୍ରମ ସଂପର୍କରେ ଯଥା ସମୟରେ ସୂଚନା ମିଳିପାରିବ ।

ଏମ୍.ଟି.ଏର ଅଫିସିୟାଲ୍ Youtube ଚ୍ୟାନେଲ୍ | ଏମ୍.ଟି.ଏର ଅଫିସିୟାଲ୍ Whatsappp ଚ୍ୟାନେଲ୍

## କାଦିୟାନ୍ ସ୍ଥିତ ସୌନ୍ଦର୍ଯ୍ୟୀକରଣ ବିଭାଗରେ ମାଳି ସେବା କରିବାକୁ ଥିବା ଇଚ୍ଛୁକ ଓ ଆଗ୍ରହୀ ପ୍ରାର୍ଥୀମାନେ ଦୟାକାରି ଧ୍ୟାନ ଦିଅନ୍ତୁ

**ସର୍ତ୍ତାବଳୀ:**

(1) ପ୍ରାର୍ଥୀଙ୍କ ବୟସ 50 ବର୍ଷରୁ ଅଧିକ ହୋଇ ନଥିବ କି 18 ବର୍ଷରୁ କମ୍ ବୟସ ହୋଇ ନଥିବ ।

(2) ପ୍ରାର୍ଥୀଙ୍କର ଶିକ୍ଷାଗତ ଯୋଗ୍ୟତା ସଂପର୍କରେ କୌଣସି ସର୍ତ୍ତ ନାହିଁ ।

(3) ଜନ୍ମତିଥିର ପ୍ରମାଣ ସ୍ୱରୂପ କୌଣସି ସରକାରୀ ଅନୁଷ୍ଠାନ ଦ୍ୱାର ସ୍ୱୀକୃତ ପ୍ରାପ୍ତ ପ୍ରମାଣ ପତ୍ର ଗ୍ରହଣ ଯୋଗ୍ୟ ହେବ ।

(4) ଯେଉଁମାନେ ମର୍କଜ୍‌ର ନିଯୁକ୍ତି ସଂସ୍ଥାଙ୍କ ଦ୍ୱାରା ସାକ୍ଷାତ୍‌କାରରେ କୃତକାର୍ଯ୍ୟ ହେବେ ସେହି ପ୍ରାର୍ଥୀମାନେ ହିଁ ସେବା ନିମନ୍ତେ ଯୋଗ୍ୟ ବିବେଚିତ ହେବେ । ମାଳି କାର୍ଯ୍ୟରେ ଅଭିଜ୍ଞ ଥିବା ପ୍ରାର୍ଥୀମାନଙ୍କୁ ଅଗ୍ରାଧିକାର ଦିଆଯିବ ।

(5) ଇଣ୍ଟରଭ୍ୟୁ (ସାକ୍ଷାତ୍‌କାର)ରେ କୃତକାର୍ଯ୍ୟ ହେବା ସ୍ଥଳେ ପ୍ରାର୍ଥୀକୁ ନୁର୍ ହସ୍ପିଟାଲ୍ କାଦିୟାନଙ୍କ ଦ୍ୱାରା ବ୍ୟକ୍ତିଗତ ଖର୍ଚ୍ଚରେ ଡାକ୍ତରୀ ପରୀକ୍ଷା ପାଇଁ (ଖର୍ଚ୍ଚ ପ୍ରାୟ- 2500/-ଟଙ୍କା) ଖର୍ଚ୍ଚ କରିବାକୁ ପଡ଼ିବ । ଯେଉଁ ପ୍ରାର୍ଥୀ ନୁର୍ ହସ୍ପିଟାଲ୍‌ଙ୍କ ମେଡ଼ିକାଲ କର୍ତ୍ତୃପକ୍ଷ ବୋର୍ଡ଼ଙ୍କ ଅନୁଯାୟୀ ସୁସ୍ଥ ଏବଂ ସ୍ୱାସ୍ଥ୍ୟବାନ୍ ବିବେଚିତ ହେବେ ସେହି ପ୍ରାର୍ଥୀମାନେ ହିଁ ସେବା କରିବା ନିମନ୍ତେ ଯୋଗ୍ୟ ହେବେ ।

(6) ସିଲେକ୍‌ସନ୍ (ପ୍ରାର୍ଥୀ ଚୟନ) ହେବା ସ୍ଥଳେ ପ୍ରାର୍ଥୀକୁ କାଦିୟାନ୍‌ରେ ନିଜର ରହଣୀର ବ୍ୟବସ୍ଥା ନିଜେ କରିବାକୁ ପଡ଼ିବ ।

(7) କାଦିୟାନ୍ ଯିବା ଆସିବା ନିମନ୍ତେ ବାଟ ଖର୍ଚ୍ଚ ପ୍ରାର୍ଥୀ ନିଜେ ବହନ କରିବେ।

(8) ଉକ୍ତ ଘୋଷଣାର 2 ମାସ ମଧ୍ୟରେ ଯେଉଁ ଆବେଦନ କାର୍ଯ୍ୟାଳୟରେ ପ୍ରାପ୍ତ ହେବ ସେହି ଆବେଦନଗୁଡ଼ିକ ଉପରେ ହିଁ ବିଚାର କରାଯିବ ବା ବିଚାରକୁ ନିଆଯିବ ।

**ନୋଟ୍:** ଇଣ୍ଟରଭ୍ୟୁର ତାରିଖ ସହିତ ପ୍ରାର୍ଥୀକୁ ପରବର୍ତ୍ତୀ ସମୟରେ ଜଣାଇ ଦିଆଯିବ ।

**ଅଧିକ ତଥ୍ୟ ଜାଣିବା ପାଇଁ ନିମ୍ନଲିଖିତ ଠିକଣାରେ ଯୋଗାଯୋଗ କରନ୍ତୁ**

ନଜାରତ୍ ଦିୱାନ୍ ସଦର୍ ଅଞ୍ଜୁମନ୍ ଅହମଦିୟା କାଦିୟାନ୍, ଗୁର୍ଦାସପୁର, ପଞ୍ଜାବ, ପିନ୍ କୋଡ଼-143516, ମୋବାଇଲ୍ ନଂ:9888232530, 9682627592
କାର୍ଯ୍ୟାଳୟ: 01872-501130
Email:diwan@qadian.in

☆--☆--☆

## 2025 ମସିହାରେ ଅନୁଷ୍ଠିତ ହେବାକୁ ଥିବା ଜୈଲି ତନ୍‌ଜିମାତ୍ (ଜମାଅତ୍ ଅଧୀନସ୍ଥ ଗୋଷ୍ଠୀ ଯଥା ଖୁଦାମ୍, ଅନ୍‌ସାର୍ ଓ ଲଜ୍‌ନା ଇମାଇଲ୍ଲାଃ)ଙ୍କର ବାର୍ଷିକ ଇଜ୍‌ତିମା

ଚଳିତ ବର୍ଷ ସୟେଦିନା ହୁଜୁର ଅନ୍‌ୱର୍ ଅ.ବ ତିନି ଅଧୀନସ୍ଥ ଗୋଷ୍ଠୀ ଯଥା- ମଜ୍‌ଲିସ୍ ଖୁଦାମୁଲ୍ ଅହମଦିୟା ଭାରତ, ମଜ୍‌ଲିସ୍ ଅନ୍‌ସାରୁଲ୍ଲାଃ ଭାରତ ଓ ମଜ୍‌ଲିସ୍ ଲଜ୍‌ନା ଇମାଇଲ୍ଲାଃ ଭାରତଙ୍କ କାଦିୟାନ୍ ଦାରୁଲ୍ ଅମାନ୍ ଠାରେ ବାର୍ଷିକ ମର୍କଜି ଇଜ୍‌ତିମା ନିମନ୍ତେ ପ୍ରଦତ୍ତ 2025 ମସିହା ଅକ୍ଟୋବର ମାସ 24, 25, 26 ତାରିଖ, ଶୁକ୍ରବାର, ଶନିବାର ଓ ରବିବାରର ତାରିଖ ଦୟାବସ୍ଥକ ରୂପେ ଅନୁମୋଦନ କରି ସ୍ୱୀକୃତି ପ୍ରଦାନ କରିଛନ୍ତି । ଜମାଅତ୍‌ର ସଦସ୍ୟବୃନ୍ଦମାନଙ୍କୁ ଅନୁରୋଧ କି ସେମାନେ ଉପରୋକ୍ତ ତାରିଖ ଅନୁଯାୟୀ ଇଜ୍‌ତିମାରେ ସାମିଲ୍ ହେବା ନିମନ୍ତେ ଯଥାସମ୍ଭବ ଉଦ୍ୟମ କରନ୍ତୁ । **(ସଦର୍ ମଜ୍‌ଲିସ୍ ଖୁଦାମୁଲ୍ ଅହମଦିୟା)**

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

**ଅଲ୍ଲାଃତାଲା କୁହନ୍ତି:** أَلَيْسَ اللّٰهُ بِكَافٍ عَبْدَهٗ

(ଅଜ୍ କୁମର: 36)

ଅନୁବାଦ୍: କ'ଣ ଅଲ୍ଲାଃତାଲା ନିଜ ଭକ୍ତ ପାଇଁ ଯଥେଷ୍ଟ ନୁହନ୍ତି କି ?

**ତାଲିବେ ଦୁଆ:** Qamrun Nisa, W/o- Zainul Khan, Jamat Ahmadiya Pankal, Halqa Qudrat Nagar (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।"

**(ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫ୍‌କତା ଫି ସବିଲିଲ୍ଲାଃହି )**

**ତାଲିବେ ଦୁଆ:** Shenaz Begum, W/o- Sheikh Ghulam Ahmed & Family, Jamat Ahmadiya Bhadrak (Odisha)

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan